ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ଶନିବାର ୩ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 3 FEBRUARY 2024

Vol.No. 35 ■ No.33 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା



website : www.dhwanipratidhwani.net

email: pratidhwani.dhwani@gmail.com



DSPL-607

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ — ଭାଷା ହିଁ ଭବିଷ୍ୟତ

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ

## ଶୁଭାରମ୍ଭ

ଫେବୃଆରୀ ୩ ତାରିଖ, ପୂର୍ବାହ୍ଣ ୧୧ଟା

ଜନତା ମଇଦାନ, ଭୁବନେଶ୍ୱର



## ବିଶାଳ ଭାଷା ମହାକୁମ୍ଭର ଆକର୍ଷଣ

- ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ପର୍ବ
- ୫ ବରପୁତ୍ରଙ୍କ ନାମରେ ସମ୍ମିଳନୀ କକ୍ଷ
- ୧୬ଟି ବିଶେଷ ଆଲୋଚନାଚକ୍ର
- ଯୋଗଦେବେ ଅନ୍ତର୍ଜାତୀୟ ଭାଷାବିତ୍
- ଶତାଧିକ ଲେଖକ-ସାହିତ୍ୟିକଙ୍କ ସମାଗମ
- ବିଶିଷ୍ଟ ସାହିତ୍ୟିକ ଓ ଲେଖକଙ୍କୁ ସମ୍ବର୍ଦ୍ଧନା
- କଳାକୃତି ଓ ଫଟୋଚିତ୍ର ପ୍ରଦର୍ଶନୀ

ଭାଷା ଅତୀତର ଅସ୍ତିତ୍ୱ

ଭାଷା ହିଁ ଭବିଷ୍ୟତ

www.worldodiaconference.org
wolc_2024 wolc2024 wolc2024

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR: 15001/13/1319/2324

# ଆନ୍ଦୋଳନ ପରେ କେସିଙ୍ଗା ଏନଏସି ନିର୍ବାହୀ ଅଧିକାରିଙ୍କୁ ବଦଳି

ଭବାନୀପାଟଣା, ୦୨/୨ (ନି,ପ୍ର): କଳାହାଣ୍ଡି ଜିଲା, କେସିଙ୍ଗା ଏନଏସିର କାର୍ଯ୍ୟରତ ନିର୍ବାହୀ ଅଧିକାରିଣୀଙ୍କ ମନୋମୁଖୀ କାର୍ଯ୍ୟରେ ଅତିଷ୍ଠ ହୋଇ ଅଧିକାରିଣୀଙ୍କ ବଦଳି ଦାବିରେ ଗଣଧାରଣା ପରେ ପ୍ରଶାସନ ଆଜି ତାଙ୍କୁ ଅନ୍ୟତ୍ର ବଦଳି କରିଛି। ଆଜି କେସିଙ୍ଗା ଏନଏସିର କାର୍ଯ୍ୟରତ ନିର୍ବାହୀ ଅଧିକାରିଣୀଙ୍କ ମନମୁଖୀ କର୍ଯ୍ୟରେ ଅତିଷ୍ଠ ହୋଇ ବଦଳି ଦାବିରେ ଦୁଇ ଦିନ ଧରି ବିକାଶ ମଂଚ, କାଉନସିଲର ଓ ବିଭିନ୍ନ ରାଜନୈତିକ ଦଳ ଜାତୀୟ ରାଜପଥ ୨୬କୁ ଅବରୋଧ କରି ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଆଜି ଧାରଣାର ଅନ୍ତ ଘଟିଛି। ପ୍ରତିବାଦର ପ୍ରଭାବରେ ନିର୍ବାହୀ ଅଧିକାରିଣୀଙ୍କୁ ହାଉସିଙ୍ଗ ଏଣ୍ଡ ଅର୍ବାନ ବିଭାଗ ପକ୍ଷରୁ ଚିଠି ନମ୍ବର ୨୩୨୪/୩୧.୧.୨୪ ଡେପୁଟି ସେକ୍ରେଟାରୀଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟତ୍ର ବଦଳି କରାଯାଇଛି।

ପ୍ରକାଶ ଥାଉକି, ଦୁଇ ଦିନ ଧରି ବିକାଶ ମଂଚ, କାଉନସିଲର ଓ ବିଭିନ୍ନ ରାଜନୈତିକ ଦଳ ସମ୍ପୃକ୍ତା ଅଧିକାରିଣୀଙ୍କ ବିରୁଦ୍ଧରେ ବଦଳି ପାଇଁ ଅଡି ବସି ସହର ଦୋକାନ ବଜାର ବନ୍ଦ କରିବା ସହ, ରାଜପଥକୁ ଅବରୋଧ କରି ପ୍ରତିବାଦ କରିଥିଲେ। ତାଙ୍କ ପ୍ରତିବାଦ ଯୋଗୁଁ ସାଧାରଣ ଜୀବନ ଯାପନ ପ୍ରଭାବିତ ହେବା ସହ ପ୍ରଶାସନିକ କାର୍ଯ୍ୟରେ ବାଧା ଉପୁଜିଥିଲା। ଏହାକୁ ଦୃଷ୍ଟି ରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅପରାହ୍ନ ସାଢେ ତିନିଟାରେ ପିଡ଼ି ଡୁଡ଼ା ମୁନିନ୍ଦ୍ରା ହୋନେଗା ଏନଏସି କାର୍ଯ୍ୟାଳୟକୁ ପରିଦର୍ଶନରେ ଆସି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରତିବାଦକାରୀ ଜିଲାପାଳଙ୍କ ସହ ମୋବାଇଲରେ ଆଲୋଚନା ପରେ ନିର୍ବାହୀ ଅଧିକାରିଣୀଙ୍କୁ ବଦଳି ପାଇଁ ଆଦେଶ ଦେଇଥିବା ଜାଣି ଆନ୍ଦୋଳନକାରୀ ମାନେ ରାଜରାସ୍ତାରେ ଚଳାଇଥିବା ଆନ୍ଦୋଳନରୁ ଓହରି ପ୍ରତିବାଦରୁ ହଟିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ପ୍ରତିବାଦକାରୀଙ୍କ ଅଭିଯୋଗକୁ ସତ୍ୟସିଦ୍ଧ ଉପଲବ୍ଧ କରି ସମ୍ପୃକ୍ତା ଅଧିକାରିଣୀଙ୍କ ତାଙ୍କ କ୍ଷମତାର ଦୁରୁପଯୋଗ ଭିତି କରି ଅନ୍ୟତ୍ର ବଦଳି କରିଛନ୍ତି ତାହା କୌଣସି ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ନୁହେଁ। ସରକାରୀ କର୍ମଚାରୀମାନଙ୍କୁ ବଦଳି ପ୍ରଶାସନିକ ବ୍ୟବସ୍ଥାର ରିତିମତ ବ୍ୟବସ୍ଥା। ଯଦିଓ ଅନ୍ୟତ୍ର ବଦଳି କରିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନୁହେଁ। ସାଧାରଣ ଲୋକଙ୍କ ଆଖିରେ ଧୂଳି ଦେଇ ସ୍ପଷ୍ଟ ଦିବାଲୋକରେ ଆଇନକୁ ହତ୍ୟା କରି ବଦଳି ଆଦେଶ କରି କେସିଙ୍ଗା ବାସୀଙ୍କ ସହ ପ୍ରଶାସନ ଛଳନା ପୂର୍ଣ୍ଣ ବ୍ୟବହାର କରିଛନ୍ତି ବୋଲି ବୁଦ୍ଧି ଜିବୀ ମହଲରେ ଆଲୋଚନା ହେଉଛି।

# ଅଙ୍ଗନବାଡି କର୍ମୀ ଓ ସହାୟିକା ମହାସଂଘର ବ୍ଲକସ୍ତରୀୟ ସମାବେଶ

ଜୟପୁର, ୦୨/୨ (ନି,ପ୍ର): ବୋରିଗୁମ୍ମା ସ୍ଥିତ ଡାକ ବଙ୍ଗଳା ଠାରେ ବିଜୁ ଶ୍ରମିକ ସାମୁଖ୍ୟ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ମହାସଂଘର ବ୍ଲକ ସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେ ସି ସି ବ୍ୟାଙ୍କ ର ଅଧକ୍ଷ ଡାକ୍ତର ଇନ୍ଦିରା ନନ୍ଦ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଜୁ ସାମୂଖ୍ୟ ଜିଲ୍ଲା ସଭାପତି ବାଲାରାୟ ଯୋଗ ଦେଇଥିଲେ। ସଂଘର ସାଧାରଣ ସଂପାଦିକା ଝୁନୁ ମହାନ୍ତି ବିବରଣୀ ପାଠ କରିଥିବା ବେଳେ ମୁଖ୍ୟବକ୍ତା ଜୋନାଲ କମିଟି ସଭାପତି ନିରଞ୍ଜନ ପାତ୍ର ଯୋଗ ଦେଇଥିଲେ । ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ପଣ୍ଡା ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ ଅଙ୍ଗନବାଡି କର୍ମୀଙ୍କୁ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ତିବ୍ର ନିନ୍ଦା କରିଥିଲେ । ୨୦୧୯ ନିର୍ବାଚନ ସମୟରେ ଏନଡିଏ ସରକାର ଯଦି କ୍ଷମତାଶୀଳ ହୁଏ ତେବେ ୧୫ହଜାର ଟଙ୍କା ଦରମା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁରୀ ବେଳାଭୂମୀରେ ଘୋଷଣା କରିଥିଲେ ତେବେ ସେହି ଘୋଷଣା କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ. ବଜାର ରେ ଯେଭଳି ଭାବେ ଖାଉଟି ଜିନିଷ ର ଦରଦାମ ବୃଦ୍ଧି ହୋଇଛି। ସେ ଅନୁସାରେ ସରକାର ପ୍ରୀ ସ୍କୁଲ ଛାତ୍ର ଛାତ୍ରୀ ଙ୍କ ପାଇଁ ଖାଦ୍ୟ କିଣା ବାବଦ ରେ ସେହି ଅନୁପାତ ରେ ଅର୍ଥ ଦେଉନ ଥିବା ହେତୁ ସମସ୍ୟାହେଉଥିବା, ଆଗାମୀ ଦିନରେ ରାଜ୍ୟ ସରକାର ଙ୍କୁ ଅବଗତ କରାଯାଇଥିବା ବେଳେ ଆଗାମୀ ଦିନରେ ପୂରଣ ହେବ ବୋଲି ରାଜ୍ୟ ସଭାନେତ୍ରୀ କର୍ମୀ ମାନଙ୍କୁ ସୂଚନା ଦେଇଥିଲେ। ଏହି ପରି କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକ ରେ ବ୍ଲକ ସ୍ତରୀୟ ସମାବେଶ କରାଯିବ ବୋଲି ଯୁଗ୍ମ ସମ୍ପାଦକ ପାଣି ବାବୁ ମତ ବ୍ୟକ୍ତ କରିଥିଲେ। ଆମ୍ବଲିକା ମଣ୍ଡଳ ସମେତ ସତ୍ୟଭାମା ତ୍ରିପାଠୀ, ରୁପା ବତୀ, ଲଳିତା ଗୋଲରୀ, ନିବେଦିତା କୁମଲି ପ୍ରମୁଖ ଉପସ୍ଥିତ ଥିଲେ ।

# ପୁନର୍ବାସ ପକ୍ଷରୁ ମୋଟର ଚାଳିତ ନିଉମୋସନ୍ ହୁଇଲ୍ ଚେୟାର୍ ପ୍ରଦାନ

କେନ୍ଦ୍ରାପଡ଼ା, ୨/୨ (ନି.ପ୍ର): ଭିନ୍ନକ୍ଷମମାନଙ୍କ ଜୀବନକୁ ଅଧିକ ସହଜ ଓ ସୁଗମ କରିବା ନିମନ୍ତେ ଆକ୍ଟିଭ୍ ହୁଇଲ୍ ଚେୟାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ପାରାପ୍ଲେଜିକ୍‌ମାନଙ୍କୁ ଏହା ସାମାଜିକ ଓ ଅର୍ଥନୈତିକ ଅନ୍ତର୍ଭୁକ୍ତିରେ ସାମିଲ କରିବାରେ ସହାୟକ ହୋଇଥାଏ । କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମ କରି ମାଦ୍ରାସ ଆଇଆଇଟି ଦ୍ୱାରା ବିକଶିତ ଏକ ଆକ୍ଟିଭ୍ ନିଉମୋସନ ହୁଇଲ୍ ଚେୟାର ନିକିରାଇ, ମଠସାହିର ଭିନ୍ନକ୍ଷମ ପର୍ଶୁରାମ ସାହୁଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ପ୍ରଦାନ କରାଯାଇଛି । ସ୍ୱର୍ଗତଃ ଭିନ୍ନକ୍ଷମ ଯୁବ ଉଦ୍ୟୋଗୀ ଧନଞ୍ଜୟ ସାହୁଙ୍କ ସ୍ମୃତିରେ ସ୍ଥାନୀୟ ପୁନର୍ବାସ ପରିସରରେ ଅନୁଷ୍ଠିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି, ବିଶିଷ୍ଟ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ଅମିତାଭ ଚୌଧୁରୀ ଓ ଭାଗ୍ୟଲକ୍ଷ୍ମୀ ସାହୁ ଦିବଂଗତ ଧନଞ୍ଜୟ ସାହୁଙ୍କ ପତ୍ନୀ ଉକ୍ତ ମୋଟର ଚାଳିତ ହୁଇଲ୍ ଚେୟାରକୁ ପ୍ରଦାନ କରିଥିଲେ । ଏଠାରେ ପ୍ରକାଶଯୋଗ୍ୟ ଭିନ୍ନକ୍ଷମ ପର୍ଶୁରାମ ସାହୁ ଦୀର୍ଘ ପାଂଚବର୍ଷ ଧରି ଶାରୀରିକ ଅକ୍ଷମ ଥିବା ସତ୍ତ୍ୱେ ହୁଇଲ୍ ଚେୟାରରେ ଏକ ଦୋକାନ ପରିଚାଳନା କରି ଆସୁଛନ୍ତି। ଏହି ଆକ୍ଟିଭ୍ ହୁଇଲ୍ ଚେୟାରରେ ତାଙ୍କୁ ବ୍ୟବସାୟ କ୍ଷେତ୍ରରେ ତାଙ୍କୁ ଅଧିକ ଆଗକୁ ଅଗ୍ରସର କରାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

# ଦୀର୍ଘ ୧୨ ବର୍ଷ ପରେ ଝୁନଝୁନୱାଲାଙ୍କ ଲାଠିକଟା ଓରିଣ୍ଡ କାରଖାନା ଫାଟକ ଖୋଲିଲା: ହସ୍ତାନ୍ତର ନେଲା ମୁମ୍ବାଇର ଏଡେଲ ଉଇସ

ରାଉରକେଲା, ୦୨/୨ (ନି,ପ୍ର): ଏକଦା ଓଡିଶାର ବାରଙ୍ଗରେ କାଚ କାରଖାନା ଓ ସୁନ୍ଦରଗଡ ଜିଲ୍ଲାର ଲାଠିକଟାରେ ଇଟା କାରଖାନା କରିଥିବା ଝୁନଝୁନୱାଲା ପରିବାରର ବିବାଦୀୟ ଓ ବନ୍ଦ ହୋଇ ପଡିଥିବା ଲାଠିକଟା କାରଖାନା ଓରିଣ୍ଡ କାରଖାନାର ମୁଖ୍ୟ ଫାଟକ ୧୨ ବର୍ଷ ପରେ ଖୋଲିଛି। ଫଳରେ ପ୍ରାୟ ୭୫୦ କର୍ମଚାରୀଙ୍କ ବକେୟା ପାଉଣା ଓ ବ୍ୟାଙ୍କ ର ପାଉଣା ପରିଶୋଧର ଆଶା ସଂଚାର ହୋଇ ପୁଣି ଲାଠିକଟା ମାଟିରେ ଆଉ ଏକ ବୃହତ ଶିଳ୍ପ ପ୍ରତିଷ୍ଠା ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଦୀର୍ଘ ୧୨ ବର୍ଷ ତଳର କଥା, ଏହି ଓରିଣ୍ଡ କଂପାନୀ ପକ୍ଷରୁ ଦୁଇଟି ବ୍ୟାଙ୍କରୁ ପ୍ରାୟ ୩୭ କୋଟି ଟଙ୍କାର ଋଣ ନିଆଯିବା ସହ ଏହାକୁ ପରିଶୋଧ କରାଯାଇ ପାରିନଥିଲା। ଶ୍ରମିକ ମାନଙ୍କର ଅନେକ ଦିନର ବିଭିନ୍ନ ପାଉଣା ପରିଶୋଧ କରାଯାଇ ପାରିନଥିଲା। ଶେଷରେ ମାଲିକ ରବିନ ଝୁନ ଝୁନୱାଲା ଏହାକୁ ବନ୍ଦ କରି ଚାଲିଯାଇଥିଲେ। ଏହାକୁ ନେଇ ନାନା ଆନ୍ଦୋଳନ ଦ୍ୱାରା ସରକାର ମଧ ଅଡୁଆରେ ପଡିଥିଲେ। ମାଲିକ ଝୁନଝୁନୱାଲାଙ୍କୁ ଧରିବା ଲାଗି ନାନା ପ୍ରକାର ବ୍ୟବସ୍ଥା କରାଯାଇଥିଲା, କିନ୍ତୁ କୌଣସି ଫାଇଦା ମିଳିନଥିଲା । ପରେ ଶ୍ରମିକ ମାନେ ନିଜର ପାଉଣା ଲାଗି ଆନ୍ଦୋଳନ କରି ନ୍ୟାୟାଳୟର ଦ୍ୱାରସ୍ଥ ହେବା ସହ ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆ ଓ ବ୍ୟାଙ୍କ ଅଫ ବରୋଦା ଓରିଣ୍ଡକୁ ନେଇ ଚାଲିଥିବା ମାମଲାରେ ମୁମ୍ବାଇ ହାଇକୋର୍ଟରେ ନିଜ ନିଜର ପକ୍ଷ ରଖି ମାମଲାରେ ସାମିଲ ହୋଇ ନ୍ୟାୟ ଭିକ୍ଷା କରିଥିଲେ । ତେବେ ମୁମ୍ବାଇ ହାଇକୋର୍ଟ ଏହି ମାମଲାର ବିଚାର କରି ବ୍ୟାଙ୍କ ଦ୍ୱୟଙ୍କୁ ଓରିଣ୍ଡ ସଂପତିକୁ ହସ୍ତାନ୍ତର କରିଥିଲେ । ତେବେ ଇତି ମଧ୍ୟରେ ୧୨ ବର୍ଷ ବିତିସାରିବା ପରେ ମୁମ୍ବାଇର ଏଡେଲ ଉଇସ ନାମକ ରିକନଷ୍ଟ୍ରସନ କଂପାନୀ ପକ୍ଷରୁ ଗତକାଲି ଓରିଣ୍ଡ କାରଖାନାକୁ ପରିଦର୍ଶନ କରାଯିବା ସହ ସେମାନେ ଏହାକୁ ହସ୍ତାନ୍ତର ନେଲେ ବୋଲି ନୋଟିସ ମାରି ଓ ପୁଲିସକୁ ଜଣାଇ ଫେରିଯାଇଛନ୍ତି । ତେବେ କୁହାଯାଉଛି ଯେ, ଏହି କଂପାନୀର ୩ ଜଣ ଅଧିକାରୀ ଆକାଶ ଦିପ, ଆଦିତ୍ୟ କୁମାର ଓ ଅଭିଶେକ କୁମାର ଏଠାରେ ପରିଦର୍ଶନ କରିବା ସହ ସେଠାରେ ନ୍ୟାୟ ଆଶାରେ ରୁଣ୍ଡ ହୋଇଥିବା କର୍ମଚାରୀ ମାନଙ୍କୁ ସେମାନଙ୍କର ବକେୟା ପାଉଣା ଦିଆଯିବ ବୋଲି କହିଥିଲେ । ଏହା ଛଡା କାରଖାନାରେ ଲୁହା ଯନ୍ତ୍ରାଂଶ ଆଦି ଚୋରୀ ହୋଇଯାଉଥିବାରୁ ଏହା ଉପରେ ଦୃଷ୍ଟି ରଖିବାକୁ ମଧ କର୍ମଚାରୀ ମାନଙ୍କୁ ଏହି ୩ ଅଧିକାରୀ କହିଥିବା ଖବର ମିଳିଛି । ତେବେ ଏହି କଂପାନୀ ପକ୍ଷରୁ ମିଡିଆକୁ କୌଣସି ସୂଚନା ଦିଆଯାଇନଥିଲେ ବି ଲଗା ଯାଇଥିବା ନୋଟିସ ଓ କାରଖାନାର ପୂର୍ବତନ କର୍ମଚାରୀଙ୍କ ଅନୁଶାରେ ଏହି କଂପାନୀ ବ୍ୟାଙ୍କ ଠାରୁ ଏହି କାରଖାନା ଓ ଏହାର ସମସ୍ତ ସଂପତିକୁ ନେବା ପରେ କାରଖାନାର ଲୁହା ଆଦିକୁ ବିକି କର୍ମଚାରୀ ମାନଙ୍କୁ ସେମାନଙ୍କ ପାଉଣା ଦେବା ସହ ବାକି ଥିବା କାରଖାନାର ଜମି ଓ ବିଭିନ୍ନ ବାସଗୃହ ଆଦିକୁ କୌଣସି ସଂସ୍ଥାକୁ ବିକି ନିଜର ଲାଭାଂଶ ଉଠାଇବ। ନଚେତ ଏଠାରେ ଏକ ଶିଳ୍ପ ସଂସ୍ଥା ଆରମ୍ଭ କରି ସେଥିରୁ ନିଜର ଲାଭ ଉଠାଇବ ବୋଲି କୁହାଯାଉଛି । ତେବେ ଏନେଇ କୌଣସି କଥା ସ୍ପଷ୍ଟ ନଥିଲେ ବି ଏହି ସାଂସ୍ଥା ଓରିଣ୍ଡ କୁ ନେଇଥିବା କଥା ଏକ ପ୍ରକାର ସ୍ପଷ୍ଟ ହୋଇସାରିଛି । କାରଖାନାର ଲୁହା ଲକଡ ଆଦିକୁ ବିକି ଶ୍ରମିକ ମାନଙ୍କ ବକେୟା ପାଉଣା ଦେବା ପରେ ଶ୍ରମିକ ମାନେ ଦିର୍ଘ ୧୨ ବର୍ଷ ଧରି ରହିଆସୁଥିବା ବାସଗୃହ ଗୁଡିକୁ କଂପାନୀ କଣ କରିବ ଓ ସେ କଥାଟି କିଭଳି ସମାଧାନ ହେବ ତାହା ଏବେ ଆଲୋଚନାର ବିଷୟ ହୋଇଛି । ଅନ୍ୟପକ୍ଷରେ ଯଦି ଏହି କଂପାନୀ ଏଠାରେ ଏକ ବୃହତ ଶିଳ୍ପ ପ୍ରତିଷ୍ଠା କରେ ତେବେ ଏକଦା ରାଉରକେଲା ଇସ୍ପାତ କାରଖାନା ପରେ ଓରିଣ୍ଡ କାରଖାନାକୁ ନେଇ ଯେଉଁଭଳି ସେ ଅଂଚଳ ହସୁଥିଲା ଓ ଲୋକେ ପାଖରେ କାମ ଧନ୍ଦା ପାଇ ଆରାମରେ ଥିଲେ ସେ ଦିନ ପୁଣି ଫେରିଆସିବ ଓ ସେ ଅଞ୍ଚଳ ପୁଣି ଚଳଚଂଚଳ ହୋଇଉଠିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ରଞ୍ଜନ କୁମାର ଦାସ, ଭା.ପ୍ର.ସେ. ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ

ଛତ୍ରପୁର, ୦୨/୨ (ନି,ପ୍ର): ରଞ୍ଜନ କୁମାର ଦାସ, ଭା.ପ୍ର.ସେ. କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ, ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ଭାବେ ଗୁରୁବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ପୁରୀ ମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟକରି ଗତ ଜାନୁୟାରୀ ୨୯ ତାରିଖ ଦିନ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ପୁରୀ ମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟନିର୍ବାହ କରି ସମସ୍ତଙ୍କର ପ୍ରଶଂସା ଭାଜନ ହୋଇପାରିଥିଲେ । ୨୦୦୭ ବ୍ୟାଚ୍ ର ଆଇ.ଏ.ଏସ୍. ଶ୍ରୀଯୁକ୍ତ ଦାସ ତାଙ୍କ ଚାକିରୀ କାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି । ଜଣେ ବିଶିଷ୍ଟ ଲେଖକ ଭାବେ ଓଡିଶାର ପାଠକ ପାଠିକା ମାନଙ୍କ ନିକଟରେ ସେ ଚିର ପରିଚିତ । ଶ୍ରୀଯୁକ୍ତ ଦାସ ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେପରେ ବ୍ରହ୍ମପୁର ସ୍ଥିତ ମା ବୁଢୀ ଠାକୁରାଣୀ ମନ୍ଦିରର ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ ଏବଂ ପରେ ଗଞ୍ଜାମ କଳା ପରିଷଦ କବି ସୂର୍ଯ୍ୟ ରଙ୍ଗ ମଂଚର ଚାଲୁଥିବା ମଂଚକାର୍ଯ୍ୟ ମଧ୍ୟ ତଦାରଖ କରିଥିଲେ ଏବଂ ଏହି କାର୍ଯ୍ୟ ଶୀଘ୍ର ସମାପନ କରିବା ପାଇଁ ସଂପୃକ୍ତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ଅବସରରେ ଦକ୍ଷିଣାଂଚଳ ରାଜସ୍ୱ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ସହିତ ଏକ ବୈଠକ ଆଗତ କରି ଜଣାଇଥିଲେଯେ, ରାଜସ୍ୱ ବିଭାଗର କାର୍ଯ୍ୟ ଗୁଡିକ ଯେଭଳି ଜନସାଧାରଣ ସୁବିଧାରେ ହାସଲ କରିବେ ସେହି ଦିଗରେ ଯତ୍ନବାନ ହେବା ଆବଶ୍ୟକ। ଜନ ସାଧାରଣ ଯେଭଳି ସରକାରଙ୍କ ଦ୍ୱାରା ପ୍ରଦତ ସମସ୍ତ ସେବା ହାସଲ କରିବେ ସେଗୁଡିକ ବିଳମ୍ବ ନକରି ଅବିଳମ୍ବେ ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମୃତ : ୧୫ ଘଂଟା ପରେ ଉଠିଲା ଶବ

ଚମ୍ପୁଆ, ୦୨/୨ (ନି,ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ବାରିଆ ଥାନା ଅନ୍ତର୍ଗତ ଜ୍ୟୋତିପୁର ବର୍ଦ୍ଧନା ରାସ୍ତାର ବର୍ଦ୍ଧନା ନିକଟରେ ଗତକାଲି ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ଟ୍ରାକ୍ଟର ବିଲ ଭିତରକୁ ପଶି ଓଲଟି ପଡିବା ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା । ତେବେ କ୍ଷତିପୂରଣ ଦାବି କରି ପରିବାର ଲୋକେ ଦୀର୍ଘ ୧୫ ଘଂଟାରୁ ଉର୍ଦ୍ଧ ସମୟ ଧରି ଶବକୁ ଉଦ୍ଧାର କରିବା ପାଇଁ ଦେଇ ନ ଥିଲେ। ଫଳରେ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା। ମୃତ ଡ୍ରାଇଭର ବର୍ଦ୍ଧନା ଗ୍ରାମର ସଞ୍ଜୀବ ଖିଲାର। ସେ ଗତକାଲି ସନ୍ଧ୍ୟାରେ ଟ୍ରାକ୍ଟର ନେଇ ଯାଉଥିବା ସମୟରେ ଭାରସାମ୍ୟ ହରାଇ ବିଲ ଭିତରକୁ ପଶିଯାଇ ଟ୍ରାକ୍ଟରଟି ଓଲଟି ପଡ଼ିବାରୁ ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭର ସଞ୍ଜୀବଙ୍କ ମୃତ୍ୟୁ ଘଟିଥିଲା। ତେବେ କ୍ଷତିପୂରଣ ଦାବିରେ ଘର ଲୋକ ଶବ ଉଠାଇବାକୁ ଦେଇ ନ ଥିବା ଯୋଗୁଁ ଘଟଣାସ୍ଥଳରେ ଉତେଜନା ଦେଖାଦେଇଥିଲା। ଖବର ପାଇ ବାରିଆ ପୋଲିସ ସହିତ ଚମ୍ପୁଆ ଏସଡିପିଓ ବିଜୟ ମଲ୍ଲିକ, ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ଶତପଥୀ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରି ଶବକୁ ଉଦ୍ଧାର କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କି, ଏହି ଅଂଚଳରେ ବେଆଇନ ଭାବେ ଦିନ ରାତି ବାଲି ଚୋରା ଚାଲାଣ ଚାଲୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜି ଥିବାରୁ ଏହିପରି ଦୁର୍ଘଟଣା ଘଟି ଜନଜୀବନ ନଷ୍ଟ ହେଉଥିବା ବେଳେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଟ୍ରାକ୍ଟର ଡ୍ରାଇଭର ସଞ୍ଜୀବ ଖିଲାରଙ୍କୁ ଟ୍ରାକ୍ଟର ଚଳାଇବାକୁ ତାଙ୍କ ପରିବାର ଲୋକେ ମନା କରିବା ସତ୍ତ୍ୱେ ଟ୍ରାକ୍ଟର ମାଲିକ ତାଙ୍କୁ ବାଧ କରି ପ୍ରତିଦିନ ଟ୍ରାକ୍ଟର ଚଳାଇବାକୁ ଡାକି ନେଇ ଯାଉଥିବା ପରିବାର ଲୋକେ ଅଭିଯୋଗ କରିବା ସହିତ ଡ୍ରାଇଭରଙ୍କ ମୃତ୍ୟୁ ପରେ ତାଙ୍କ ପରିବାରର ଭରଣ ପୋଷଣ ଦାୟିତ୍ୱ ଟ୍ରାକ୍ଟର ମାଲିକ ନେବା ପାଇଁ ଦାବୀ କରି ଅଡ଼ି ବସିବାରୁ ଦୀର୍ଘ ୧୫ ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ଶବ ଉଦ୍ଧାର ହୋଇ ପାରି ନ ଥିଲା।

# ମାଲକାନଗିରି ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ମାଲକାନଗିରି, ୦୨/୨ (ନି,ପ୍ର): ମାଲକାନଗିରି ମହାବିଦ୍ୟାଳୟ ଶିକ୍ଷା ବିଭାଗ କକ୍ଷରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ମିଶ୍ର, ମୁଖ୍ୟବକ୍ତା ରୂପେ ବାଣିଜ୍ୟ ବିଭାଗ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ଇଂରାଜୀ ବିଭାଗରେ ଏସ ଏସ ବି ପରୀକ୍ଷାରେ ଉତୀର୍ଣ୍ଣ ହୋଇ ସରକାରୀ ଅଧ୍ୟାପକ ଭାବେ ଚାକିରୀ ପାଇଥିବାରୁ ଦଶରଥ ଶନ୍ଧି ଓ ଶିକ୍ଷା ବିଭାଗରେ ଗଙ୍ଗା ମାଡକାମୀ ପରୀକ୍ଷାରେ ସଫଳ ହୋଇ ଅଧ୍ୟାପକ ଭାବରେ ବିବେଚିତ ହୋଇଥିବାରୁ ମହାବିଦ୍ୟାଳୟ ପରିସରରେ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ଓ ମିଠା ଖୁଆଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାଲକାନଗିରି ମହାବିଦ୍ୟାଳୟ ଏମାନଙ୍କର ସଫଳତାରେ ଗର୍ବ ଅନୁଭବ କରି ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା।

ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷା ବିଭାଗ ମୁଖ୍ୟ ଗୌତମ କୁମାର ନାୟକ, ସୀତାଂଶୁ ମାଳିନୀ ପରିଡା, ଇଂରାଜୀ ବିଭାଗ ମୁଖ୍ୟ ଉମେଶ ଚନ୍ଦ୍ର ରାଉତ, ସୁଶାନ୍ତ ମାଝୀ ସମେତ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି ଆଗକୁ ଏହିଭଳି ସଫଳତା ଦେବାପାଇଁ ପରାମର୍ଶ ଦେଇଥିଲେ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବଲାଙ୍ଗିର, ୦୨/୨ (ନି,ପ୍ର): ଚଳିତ ଫେବୃୟାରି ମାସରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସହ ବିଭାଗୀୟ ଅଧିକାରୀଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀର କାର୍ଯ୍ୟକ୍ରମ, ବିଭିନ୍ନ ପଂଚାୟତ ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ କରାଯାଇଅଛି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମିଳିତ ଜନ ଅଭିଯୋଗ ଶୁଣାଣୀ ଚଳିତ ଫେବୃୟାରୀ ମାସ ୫ ତାରିଖ ସକାଳ୧୦ଟା ୩୦ ମିନିଟ ସମୟରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ,୧୨ ତାରିଖ ସକାଳ ୧୦ଟା ୩୦ ମିନିଟ ସମୟରେ ବେଲପଡା ପଂଚାୟତ ସମିତି କାର୍ଯ୍ୟାଳୟ ଠାରେ ୧୯ ତାରିଖ ସକାଳ ୧୦ଟା ୩୦ ମିନିଟ ସମୟରେ ପୁଇଁତଲା ପଂଚାୟତ ସମିତି କାର୍ଯ୍ୟାଳୟ ଠାରେ ଏବଂ ୨୬ ତାରିଖ ସକାଳ୧୦ଟା ୩୦ ମିନିଟ ସମୟରେ ଦେଓଗାଁ ପଂଚାୟତ ସମିତି କାର୍ଯ୍ୟାଳୟ ଠାରେ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଂଚଳର ଜନସାଧାରଣ ସେମାନଙ୍କର ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟାମୂଳକ ଅଭିଯୋଗ ଜଣାଇ ପାରିବେ । ଏହି ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସମ୍ପୃକ୍ତ ଅଂଚଳର ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ କରି ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ । ଏଣୁ ସମ୍ପୃକ୍ତ ଅଂଚଳର ଜନସାଧାରଣ ଏହି ଜନ ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ଉପସ୍ଥିତ ରହି ନିଜ ନିଜର ଅଭିଯୋଗ ପ୍ରଦାନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି ।

# ବିଜେପିର ଗାଁକୁ ଚାଲ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା


କେନ୍ଦ୍ରାପଡ଼ା, ୦୨/୨ (ନି,ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ଜିଲ୍ଲାସ୍ତରୀୟ ଗାଁକୁ ଚାଲ ଅଭିଯାନର କର୍ମଶାଳା ଦୁହୁରିଆ ସ୍ଥିତ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତ ଙ୍କ ଅଧକ୍ଷତା ରେ ଆୟୋଜିତ ଏହି କର୍ମଶାଳା ରେ ଆସନ୍ତା ଫେବୃଆରୀ ୯ ତାରିଖ ରୁ ବିଜେପିର ଗାଁକୁ ଚାଲ ଅଭିଯାନ ଆରମ୍ଭ ହେବ । ଫେବୃଆରୀ ୯ ତାରିଖରୁ ୧୧ ତାରିଖ ମଧ୍ୟରେ ବିଜେପିର କାର୍ଯ୍ୟକର୍ତା ମାନେ ଜିଲ୍ଲାର ପ୍ରତ୍ୟେକ ପରିବାରକୁ ଭେଟିବେ । ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଫଳ ରୂପାୟନ ସଂପର୍କରେ ବୁଥ୍ ସ୍ତରରେ ରିପୋର୍ଟ ସଂଗ୍ରହ କରିବା ସହ ରାଜ୍ୟ ସରକାରଙ୍କର ବିଫଳତା ସଂପର୍କରେ କାର୍ଯ୍ୟକର୍ତା ମାନେ ଚିଠା ପ୍ରସ୍ତୁତ କରିବେ । ଏଥିସହିତ ଦଳୀୟ ସଂଗଠନ କୁ ତୃଣମୂଳ ସ୍ତରରେ ଅଭିବୃଦ୍ଧି ପାଇଁ ପ୍ରୟାସ କରିବେ । ଆୟୋଜିତ ଏହି କର୍ମଶାଳାରେ ରାଜ୍ୟ ସଂପାଦକ ଅଭିମନ୍ୟୁ ସେଠୀ, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଦୋଳ ଗୋବିନ୍ଦ ନାୟକ, ସୁନାକର ବେହେରା, କଳ୍ପନା ମଲିକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦକ ଶଶାଙ୍କ ଶେଖର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପୀନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଜଲସାଗର ଗ୍ରାମରୁ ଚୋରି ହୋଇଥିବା ଟ୍ରାକ୍ଟର ଛତିଶଗଡ ରାଜ୍ୟରୁ ଜବତ : ୫ ଗିରଫ

ବଲାଙ୍ଗୀର, ୦୨/୨ (ନି,ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ବୈଜଲସାଗର ଗ୍ରାମରୁ ଚୋରି ହୋଇଥିବା ଟ୍ରାକ୍ଟର ସୁଦୂର ଛତିଶଗଡ ରାଜ୍ୟରୁ ଜବତ କରିଛି ଖପ୍ରାଖୋଲ ପୋଲିସ। ବୈଜଲସାଗର ଗ୍ରାମରୁ ଗତ ଜାନୁଆରୀ ୨୮ ତାରିଖ ରବିବାର ଦିନ ଚୋରି ହୋଇଥିଲା ଟ୍ରାକ୍ଟର । ଏହି ଘଟଣାରେ ୫ ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ ଗତ ୨୮ ତାରିଖ ବିଳମ୍ବିତ ରାତିରେ ଖପ୍ରାଖୋଲ ଥାନା ଅନ୍ତର୍ଗତ ବୈଜଲସାଗର ଗ୍ରାମର ହୃଦାନନ୍ଦ ସାହୁ ତାଙ୍କ ଧାନକଳ ସମ୍ମୁଖରେ ଟ୍ରାକ୍ଟର ରଖିଥିଲେ। ବଲାଙ୍ଗୀର ନିକଟସ୍ଥ ଅଂଚଳର ୪ ଜଣ ଦୁର୍ବୃର୍ତ ଏହି ଟ୍ରାକ୍ଟରଟିକୁ ଚୋରି କରିନେଇଥିଲେ । ଏହାପରେ ସେମାନେ ଉକ୍ତ ଟ୍ରାକ୍ଟରକୁ ବିକ୍ରି କରିବା ଉଦ୍ଦେଶ୍ୟରେ ମଧ୍ୟରାତ୍ରିରେ ସୁଦୂର ଛତିଶଗଡ ରାଜ୍ୟକୁ ନେଇ ଫେରାର ମାରିଥିଲେ। ଟ୍ରାକ୍ଟର ମାଲିକ ହୃଦାନନ୍ଦ ସାହୁ ଖପ୍ରାଖୋଲ ଥାନାରେ ଜାନୁଆରୀ ୨୯ ତାରିଖ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ଗୋଟିଏ ପୋଲିସ ଟିମ୍ ଗଠନ କରି ତତ୍କାଳ ରାସ୍ତା ଆଖପାଖରେ ଲାଗିଥିବା ସିସିଟିଭି ଆଧାରରେ ଚୋରମାନଙ୍କୁ ଖୋଜିବା ଆରମ୍ଭ କରିଦେଇଥିଲେ। ଗତ ୩୧ ତାରିଖ ବୁଧବାର ଦିନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁଦୂର ଛତିଶଗଡ ରାଜ୍ୟରୁ ଚୋରି ହୋଇଥିବା ଟ୍ରାକ୍ଟର ସହ ୪ ଜଣ ଅଭିଯୁକ୍ତ ଏବଂ ଚୋରୀରେ ବ୍ୟବହୃତ ହୋଇଥିବା ବୋଲେରୋ, ପିକ୍ ଅପ୍, ୧୦ଟି ଖାଲି ଗ୍ୟାସ ସିଲିଣ୍ଡର ଓ ଗୋଟିଏ ମୋଟର ସାଇକେଲ ଜବତ କରି ଖପ୍ରାଖୋଲ ଥାନାକୁ ଆଣିଥିଲେ। ଚୋରମାନଙ୍କୁ ଅଧିକ ପଚରାଉଚରା କରିବାରୁ ସେମାନେ ଆହୁରି ଚୋରି କରି ବିକ୍ରି କରିଥିବା କଥା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ପୋଲିସ ତାହା ଶୁଣି ଲାଠୋର ଥାନା ଅନ୍ତର୍ଗତ ମସିଣା ଗ୍ରାମରୁ ରାଜେନ୍ଦ୍ର ମେହେର(୨୮)ଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ଆହୁରି ତିନୋଟି ଟ୍ରାକ୍ଟର ଜବତ କରିଥିଲେ। ସମୁଦାୟ ୪ଟି ଟ୍ରାକ୍ଟର ଏବଂ ୫ ଜଣ ଅଭିଯୁକ୍ତ ବଲାଙ୍ଗିର ସଦର ଥାନା ଅନ୍ତର୍ଗତ ଖୁଜେନପାଲି ଗ୍ରାମର ବ୍ରହ୍ମଚାରି ଶାନ୍ତନୁ (୩୧), ବଲାଙ୍ଗିର ଟାଉନରୁ ଅମିତ ବାଗ(୨୦), ବଲାଙ୍ଗିର ଟାଉନ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମରୁ ପ୍ରିତମ ଶର୍ମା(ସୋନୁ)(୨୦), ଲୋଇସିଂହା ଥାନା ଅନ୍ତର୍ଗତ ରାଣିପାଲି ଗ୍ରାମର ଶ୍ରୀକାନ୍ତ ଶିକା(୧୯) ଏବଂ ଚୋରି ସାମଗ୍ରୀ କିଣିଥିବା ବ୍ୟକ୍ତି ରାଜେନ୍ଦ୍ର ମେହେରଙ୍କୁ ଗିରଫ କରାଯାଇ ଖପ୍ରାଖୋଲ ଥାନା କେସ୍ ନଂ. ୩୮/୨୦୨୪ରେ ଭାରତୀୟ ପେନାଲ କୋଡ୍ ୩୭୯ ଅଧିନିୟମ ଅନୁଯାୟୀ ପାଟଣାଗଡ଼ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଉପଖଣ୍ଡ ପୋଲିସ ଅଧକ୍ଷ ଜ୍ୟୋତିର୍ମୟ ଭୁକ୍ତା ଆଜି ଖପ୍ରାଖୋଲ ଥାନାରେ ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ଏହି ସଫଳତାକୁ ଖପ୍ରାଖୋଲ ଅଂଚଳବାସୀ ବହୁତ ପ୍ରଶଂସା କରୁଥିବା ବେଳେ ଅନ୍ୟ ପକ୍ଷରେ ଶ୍ରୀ ସାହୁଙ୍କୁ ଅନ୍ୟତ୍ର ବଦଳି ହୋଇଥିବା ଖବର ଜାଣି ବହୁତ ଦୁଃଖ ପ୍ରକାଶ କରୁଛନ୍ତି।

# ଅଙ୍ଗନବାଡ଼ି କର୍ମୀଙ୍କ ନାମରେ ଆତ୍ମସାତର ଅଭିଯୋଗ

କୋରେଇ, ୦୨/୨ (ନି,ପ୍ର): ରାଜ୍ୟ ସରକାର ଶିଶୁଙ୍କୁ ଅପପୃଷ୍ଟିରୁ ରୋକିବା ସହିତ ପାଠ ପଢିବା ଲାଗି ଆକୃଷ୍ଟ କରିବା ଲାଗି ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ଅଣ୍ଡା, ଛତୁଆ ଆଦି ଯୋଗାଉଥିବା ବେଳ କିଛି ଅସାଧୁ ଅଙ୍ଗନବାଡ଼ି କର୍ମୀ ସେଗୁଡ଼ିକୁ ପିଲାମାନଙ୍କୁ ନ ଦେଇ ଆତ୍ମସାତ କରୁଥିବାର ଅଭିଯୋଗ ଆସିଛି। ଏ ନେଇ ଅଭିଯୋଗକାରୀ ଉପ-ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି। ପ୍ରକାଶଯେ ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳାନନ୍ଦପୁର ପଂଚାୟତର ବ୍ରଜନଗର ଗ୍ରାମର ଗଜେନ୍ଦ୍ର କୁମାର ଧଳଙ୍କ ଅଭିଯୋଗନୁସାରେ ତାଙ୍କ ଗ୍ରାମର ଅଙ୍ଗନବାଡ଼ି କର୍ମୀ ବବିତା ଧଳ ପିଲାମାନଙ୍କ ନିମନ୍ତେ ଆସୁଥିବା ଅଣ୍ଡା ଛତୁଆ ଆଦିକୁ ପିଲାମାନଙ୍କୁ ନ ଦେଇ ନିଜେ ଅତ୍ମେସାତ କରୁଛନ୍ତି। ଏ ନେଇ ଗଜେନ୍ଦ୍ର ଉକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ପଚାରିବାରୁ ସେ ଗଜେନ୍ଦ୍ରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ତା ଛଡ଼ା ଉକ୍ତ ପଂଚାୟତର ୮ ନମ୍ବର ୱାର୍ଡ଼ରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଟି ଦିର୍ଘ ଦିନ ହେବ ଖୋଲାଯାଇନାହିଁ। ଫଳରେ ରାଜ୍ୟ ସରକାର ପିଲାମାନଙ୍କ ନିମନ୍ତେ ପ୍ରଦାନ କରୁଥିବା ସାମଗ୍ରୀ ଗୁଡ଼ିକ ବାଟମାରଣା ହେବା ସହିତ ପିଲାମାନଙ୍କ ଭବିଷ୍ୟତ ଅନ୍ଧାରରେ ରହୁଛି ବୋଲି ଅଭିଯୋଗ କରିଛନ୍ତି।



ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 3 FEBRUARY 2024

Vol.No. 35 ■ No.33 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜି ସମ୍ବଲପୁର ଆସିବେ ପ୍ରଧାନମନ୍ତ୍ରୀ

### ୬୮ ହଜାର କୋଟି ଟଙ୍କାର ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଲୋକାର୍ପଣ


ଭୁବନେଶ୍ୱର ୦୨/୦୨: ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଇଆଇଏମ ସମ୍ବଲପୁରର ନୂଆ କ୍ୟାମ୍ପସ ଲୋକାର୍ପଣ ସହ ପାଖାପାଖି ୬୮ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ମଞ୍ଚ ପ୍ରସ୍ତୁତ। ଗୈରିକମୟ ହେଲାଣି ସମ୍ବଲପୁର ରେମେଡ ପଡ଼ିଆର ସଭାସ୍ଥଳ। ବିଶାଳ ଗ୍ୟାରେଣ୍ଟି ଜନସମାବେଶରେ ଓଡ଼ିଶାବାସୀଙ୍କୁ ପ୍ରଧାନମନ୍ତ୍ରୀ ଦେବେ ୨୪ ପାଇଁ ପରିବର୍ତ୍ତନର ଆହ୍ୱାନ। 'ଆମ ସଂକଳ୍ପ ବିକଶିତ ଭାରତ-ବିକଶିତ ଓଡ଼ିଶା' ନାରାରେ ଫୁଙ୍କିବେ ନିର୍ବାଚନୀ ମହାଲଢ଼େଇର ବିଗୁଲ୍। ଲକ୍ଷାଧିକ ଦଳୀୟ କର୍ମୀ, ନେତା ଓ ଜନତାଙ୍କୁ ନିଜ ସରକାର ୧୦ ବର୍ଷର ଉପଲବ୍ଧି ବଖାଣିବେ। ବିଜେପି ଶିବିରରେ ବି ଉତ୍ସାହ ଭରି ଡବଲ୍ ଇଞ୍ଜିନ୍ ସରକାରର ମାହୋଲ ବନେଇବେ। ଏଥିପାଇଁ ଚଳଚଞ୍ଚଳ ପଶ୍ଚିମ ଓଡ଼ିଶା ରାଜନୀତି। କାରଣ ନିର୍ବାଚନକୁ ଆଉ ମାତ୍ର ଦୁଇମାସ ବାକି ଥିଲା ବେଳେ ବଜେଟ୍



ପରେ ପ୍ରଥମ ଜନସମାବେଶକୁ ସମ୍ବୋଧିତ କରିବାକୁ ଯାଉଛନ୍ତି ପ୍ରଧାନମନ୍ତ୍ରୀ। ତାହା ପୁଣି ଓଡ଼ିଶାର ବିଜେପି ଗଡ଼ ପଶ୍ଚିମ ଓଡ଼ିଶାରେ। ତେବେ ନିଜ ଭାଷଣରେ ରାଜ୍ୟ ସରକାରଙ୍କ ପ୍ରତି ମୋଦିଙ୍କ ସ୍ୱର କେତେ ଗରମ ରହିବ ତା ଉପରେ ନିର୍ଭର କରୁଛି ୨୪ ରାଜନୈତିକ ପୃଷ୍ଠଭୂମି। ହେଲେ ମୋଦିଙ୍କ ଗସ୍ତକୁ ନେଇ ଉତ୍ସାହିତ ରାଜ୍ୟ ବିଜେପି ସଭାପତି କିନ୍ତୁ କହିଛନ୍ତି ୨୪ ରେ ରାଜ୍ୟରେ ବିଜେପି ସରକାର ନିଶ୍ଚିତ। ତେବେ ରେମେଡ ସାଧାରଣ ସଭା ପୂର୍ବରୁ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସରେ ମୋଦିଙ୍କ ସରକାରୀ କାର୍ଯ୍ୟକ୍ରମ ବି ରହିଛି। ସେଠି ଶିକ୍ଷା ବିଭାଗ ଦ୍ୱାରା ୪ ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଇଆଇଏମ୍ ସମ୍ବଲପୁରର ନିଜସ୍ୱ କ୍ୟାମ୍ପସର ଲୋକାର୍ପଣ କରିବା ସହ ୬୮ ହଜାର କୋଟି ଟଙ୍କାର ଅନ୍ୟ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ। ଯେଉଁଥିରେ ସମ୍ବଲପୁର ରେଳଷ୍ଟେସନର ନବୀକରଣର ଶୁଭ ଦିଆଯିବା ସହ, ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନକୁ ସୋନପୁର ଆଗକୁ ଲୋକାର୍ପିତ ହେବା ସହ ସୋନପୁରରୁ ପୁରୀକୁ ନୂଆ ଟ୍ରେନ ଚଳାଚଳର ଶୁଭାରମ୍ଭ ହେବ। ଏନଟିପିସିର ଦୁଇଟି ପ୍ରକଳ୍ପର ଲୋକାର୍ପଣ ସାଙ୍ଗକୁ ବ୍ରାହ୍ମଣୀ ନଦୀରେ ଦୁଇଟିକିଆ ପୋଲର ଉଦ୍ ?ଘାଟନ, ଝାରସୁଗୁଡ଼ାର ପୁରାତନ ପୋଷ୍ଟ ଅଫିସକୁ ଐତିହ୍ୟ ପ୍ରକଳ୍ପ ଭାବେ ଲୋକାର୍ପଣର ବି କାର୍ଯ୍ୟକ୍ରମ ରହିଛି। ତେଣୁ ମୋଦିଙ୍କ ଆଇଆଇଏମ୍ ସଭା ପାଇଁ ବି ସବୁ ପ୍ରକାର ପ୍ରସ୍ତୁତି ସରିଛି। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଅପରାହ୍ନ ୧.୧୫ରେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟରର ଯୋଗେ ଅପରାହ୍ନ ୧ଟା ୪୫ରେ ଆଇଆଇଏମ୍ ସମ୍ବଲପୁରର ନିଜସ୍ୱ କ୍ୟାମ୍ପସରେ ପହଞ୍ଚିବେ।

## ପରଲୋକରେ ସାଧୁ ମେହେର

ଭୁବନେଶ୍ୱର, ୨/୨ (ନି.ପ୍ର): ଜାତୀୟ ପୁରସ୍କାର ପ୍ରାପ୍ତ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ସାଧୁ ମେହେରଙ୍କର ଆଜି ପରଲୋକ ହୋଇଯାଇଛି। ମୁମ୍ବାଇରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ଉଭୟ ହିନ୍ଦୀ ଓ ଓଡ଼ିଆ ସିନେମାରେ ଖ୍ୟାତି ଅର୍ଜନ କରିଥିଲେ ସାଧୁ ମେହେର। ସମାନ୍ତରାଳ ଫିଲ୍ମରେ ସେ ଜଣେ ପ୍ରମୁଖ ଅଭିନେତା ଥିଲେ। ହିନ୍ଦୀ ଫିଲ୍ମରୁ ସେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଓଡ଼ିଆ ଫିଲ୍ମ କରିଥିଲେ।



ଅଙ୍କୁର, ମୃଗୟା, ଭୁବନ ସୋମ୍ ଓ ମନ୍ଥନରେ ସାଧୁ ମେହେର ନିଖୁଣ ଅଭିନୟ କରିଥିଲେ। ୧୯୬୯ରେ ରିଲିଜ୍ ହୋଇଥିବା ମୃଣାଳ ସେନଙ୍କ ହିନ୍ଦୀ ଫିଲ୍ମ ଭୁବନ ସୋମ ଥିଲା ସାଧୁ ମେହେରଙ୍କ ପ୍ରଥମ ଫିଲ୍ମ। ୧୯୭୪ ମସିହାରେ ରିଲିଜ ହୋଇଥିଲା ତାଙ୍କ ଅଭିନୀତ ହିନ୍ଦୀ ଫିଲ୍ମ ଅଙ୍କୁର। ଏହି ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ପରେ ପରେ ସେ ନିଶାନ୍ତ (ଅତିଥି କଳାକାର), ମନ୍ଥନ, ବାଲି ଘର, ଇନ୍‌କାର, ସଫେଦ ହାତୀ, ଅଭିମାନ, ମୃଗୟା, ଶୀତ ରାତି, ଭୁଖା (ସମ୍ବଲପୁରୀ ଫିଲ୍ମ), ୧୫ଟି ଭାଷାରା ନିର୍ମିତ ଫିଲ୍ମ ଜୟ ଜଗନ୍ନାଥ ଆଦିରେ ଅଭିନୟ କରିଥିଲେ।

### ସାଧୁ ମେହେରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨/୨ (ନି.ପ୍ର): ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ପଦ୍ମଶ୍ରୀ ସାଧୁ ମେହେରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏକ ଶୋକ ବାର୍ତ୍ତା ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପଦ୍ମଶ୍ରୀ ସାଧୁ ମେହେର ତାଙ୍କର ବଳିଷ୍ଠ ଅଭିନୟ ଓ ନିର୍ଦ୍ଦେଶନା ପାଇଁ ଓଡିଶା ସମେତ ଜାତୀୟ ସ୍ତରରେ ଜଣେ ପ୍ରଶଂସନୀୟ ବ୍ୟକ୍ତିତ୍ୱ ଥିଲେ । ଉଭୟ ହିନ୍ଦି ଓ ଓଡିଆ ଚଳଚ୍ଚିତ୍ରରେ ସେ ତାଙ୍କର ନିଖୁଣ ଅଭିନୟର ଛାପ ଛାଡି ଯାଇଛନ୍ତି। ସେ ହେଉଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିବା ପ୍ରଥମ ଓଡିଆ ଅଭିନେତା।

### ଭାରତ ଜଣେ ସ୍ୱାଭିମାନୀ କଳାକାରଙ୍କୁ ହରାଇଲା : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର , ୨/୨ (ନି.ପ୍ର): ଓଡ଼ିଶାର ଗୌରବ ତଥା ଭାରତୀୟ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ଅଭିନେତା, ନିର୍ଦ୍ଦେଶକ ପଦ୍ମଶ୍ରୀ ସାଧୁ ମେହେରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ସାଧୁ ମେହେରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଓଡ଼ିଶା ସମେତ ଭାରତୀୟ ସିନେମାକୁ ସୁସମୃଦ୍ଧ କରିବାରେ ତାଙ୍କର ବଳିଷ୍ଠ ଯୋଗଦାନ ରହିଛି। କଳା ପ୍ରତି ତାଙ୍କର ରୁଚି, ଆକର୍ଷଣ ଭାବନା ଓ ନିଖୁଣ ଅଭିନୟ ଥିଲା ସ୍ୱତନ୍ତ୍ର।


## ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଲାଗୁ ପାଇଁ ହାଇକୋର୍ଟରେ ମାମଲା



ଭୁବନେଶ୍ୱର, ୨/୨ (ନି.ପ୍ର): ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଇବା ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି ବରିଷ୍ଠ ବିଜେପି ନେତା ସମୀର ମହାନ୍ତି। ରାଜ୍ୟ ସରକାର ଜାଣିଶୁଣି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରୁ ଓଡ଼ିଶା ବାସୀଙ୍କୁ ବଞ୍ଚିତ କରୁଥିବା ଅଭିଯୋଗରେ ମାମଲା ଦାୟର ହୋଇଛି। ସମୀର ମହାନ୍ତି ନିଜ ଆବେଦନରେ ଦର୍ଶାଇଛନ୍ତି, ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ କରିଛନ୍ତି। ଯେଉଁଥିରେ ପୁରୁଷ ହିତାଧିକାରୀମାନେ ୫ ଲକ୍ଷ ଓ ମହିଳାମାନେ ୧୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କାର ମାଗଣା ସ୍ୱାସ୍ଥ୍ୟ ସେବା ପାଇପାରିବେ। ତେବେ ଅନେକ ସମୟରେ ଏହି ପରିମାଣ ଯଥେଷ୍ଟ ହେଉନହିଁ। ଯେଉଁଥିପାଇଁ ରାଜ୍ୟବାସୀ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ଯେଉଁଥିପାଇଁ ଜୀବନର ସମସ୍ତ ଜମା ଶେଷ ହେଇଯାଉଛି ବୋଲି ସମୀର ନିଜ ଆବେଦନରେ ଦର୍ଶାଇଛନ୍ତି। ସେ ନିଜ ଆବେଦନରେ ଆହୁରି ମଧ୍ୟ ଦର୍ଶାଇଛନ୍ତି, ରାଜ୍ୟ ବାହାରକୁ ରୋଜଗାର ପାଇଁ ଯାଇଥିବା ଗରିବ ଶ୍ରେଣୀର ଲୋକେ ବାହାର ରାଜ୍ୟରେ ମାଗଣା ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି।

## ଆଜିଠୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ: ୩ ଦିନ ଧରି ଚାଲିବ ସମ୍ମାନ

ଭୁବନେଶ୍ୱର , ୨/୨ (ନି.ପ୍ର): ଶନିବାରଠୁ ଆରମ୍ଭ ହେବ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ । ତିନି ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ମୋଟ ୨୭ଟି ସେସନ୍ ରହିଛି । ଉଦଘାଟନୀ ଦିବସରେ ଜଗନ୍ନାଥ ସଂସ୍କୃତି ଉପରେ ସ୍ୱତନ୍ତ୍ର ଅଧିବେଶନ ରହିଛି ବୋଲି କହିଛନ୍ତି ଓଡ଼ିଆ ଭାଷା, ସହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ସୁଜାତା କାର୍ତ୍ତିକେୟନ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଦେଶ ବିଦେଶରୁ ୧୦୦ରୁ ଅଧିକ ଭାଷାବିତ୍ ଯୋଗ ଦେଇ ସେମାନଙ୍କର ମତ ରଖିବେ। ସମସ୍ତଙ୍କ ମତକୁ ଆଧାର କରି ଆଗାମୀ ଦିନ ପାଇଁ ଓଡ଼ିଆ ଭାଷାକୁ ନେଇ ରୋଡ ମ୍ୟାପ ପ୍ରସ୍ତୁତ କରିବେ




ସରକାର। ଓଡ଼ିଆ ଭାଷା ଉପରେ ଏକ ମ୍ୟୁଜିୟମ ପ୍ରସ୍ତୁତ କରାଯାଇଛି। ସାରା ରାଜ୍ୟରେ ଲୋକ ଏହାର ସିଧା ପ୍ରସାରଣ ଦେଖିପାରିବେ। ପଞ୍ଚାୟତ ଓ ପୌରାଞ୍ଚଳରେ ଏନେଇ ବ୍ୟବସ୍ଥା ହୋଇଛି। ସ୍ୱଂୟ ସହାୟକ ମହିଳା ଏଥିରେ ସାମିଲ ହେବେ। ଶୁକ୍ରବାର ସନ୍ଧ୍ୟାରେ ଅକ୍ଷର ଭୂମି ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ। ଶନିବାର ୧୧ଟା ସମୟରେ ସମସ୍ତେ ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ କୁହାଯାଇଛି।

### ୭ରେ ବିଧାନସଭା ଘେରିବ ଉତ୍କଳ ସାମ୍ବାଦିକ ସଂଘ

ଭୁବନେଶ୍ୱର, ୨/୨ (ନି.ପ୍ର): ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ଭତା ପ୍ରଦାନ, ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହ ବ୍ଲକ ଠାରୁ ଜିଲ୍ଲା ପର୍ଯ୍ୟନ୍ତ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ପଚିଶ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନ ସନ୍ତତିମାନଙ୍କୁ ସାମିଲ୍ ଏବଂ ପ୍ରେସ୍ ଏକାଡ଼େମୀ ଗଠନ ପୂର୍ବକ ଭୁବନେଶ୍ୱରଠାରେ ଏହାର କାର୍ଯ୍ୟାଳୟ ସ୍ଥାପନ ଇତ୍ୟାଦି ପ୍ରମୁଖ ଦାବି ନେଇ ରାଜ୍ୟ ସଂଘ ପକ୍ଷରୁ ମଧ୍ୟ ଏକାଧିକ ବାର ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ଦାବି ପୂରଣ ଦିଗରେ ସରକାରଙ୍କ ଟାଳଟୁଳ ମନୋଭାବକୁ ନେଇ ରାଜ୍ୟର ସାମ୍ବାଦିକ ମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ପୁଣି ଥରେ ଇଡି ସମନକୁ କେଜ୍ରିଓ୍ୱାଲଙ୍କ ବେଖାତିର

ନୂଆଦିଲ୍ଲୀ, ୨/୨ : ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ସମନ ପାଇବା ସତ୍ତ୍ୱେ ଇଡି ନିକଟରେ ହାଜର ହୋଇନାହାଁନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ୫ମ ଥର ପାଇଁ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ମିଳିଥିଲା ଇଡିର ସମନ । ତେବେ ଏହାକୁ ବେଆଇନ କହି କେଜ୍ରିଓ୍ୱାଲ ଜେରା ପାଇଁ ଇଡି ନିକଟରେ ହାଜର ହେବେନି ବୋଲି ଆମ ଆଦମୀ ପାର୍ଟି ପକ୍ଷରୁ କୁହାଯାଇଛି । ନିର୍ବାଚନ ପ୍ରଚାରରୁ ଦୂରେଇ




ରଖିବାକୁ ଓ ଗିରଫ କରିବାକୁ ଏହା କେବଳ ଏକ ଷଡ଼ଯନ୍ତ୍ର ବୋଲି ଦଳ କହିଛି । ସେପଟେ ଚଣ୍ଡିଗଡ଼ରେ ପହଁଚି ବିଜେପି ଉପରେ ବର୍ଷିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ନଭେମ୍ବର ୨, ଡିସେମ୍ବର ୨୧, ଜାନୁଆରୀ ୩ ଓ ୧୭ ତାରିଖରେ ସମନ ପଠାଇଥିଲା ଇଡି । ତେବେ ଏହାକୁ ବିଜେପିର ଏକ ଷଡଯନ୍ତ୍ର କହି ଜେରା ପାଇଁ ପହଁଚିନଥିଲେ କେଜ୍ରିଓ୍ୱାଲ । ସେପଟେ ବାରମ୍ବାର ସମନ ଜାରି ସତ୍ତ୍ୱେ କେଜ୍ରିଓ୍ୱାଲ ଇଡିରେ ହାଜର ନହେବା ଘଟଣା ସମ୍ବିଧାନ ବିରୋଧୀ ବୋଲି ବିଜେପି କହିଛି । ଦୁର୍ନୀତିଗସ୍ତ ଦିଲ୍ଲୀ ସରକାରଙ୍କ ନିକଟରେ ଠୋସ ଜବାବ ନାହିଁ ତେଣୁ ଜେରାକୁ ଭୟ କରୁଥିବା କହିଛି ବିଜେପି ।

## ମୁସଲିମ ପକ୍ଷର ଆବେଦନ ଖାରଜ: ଜ୍ଞାନବ୍ୟାପୀ ମସଜିଦରେ ଜାରି ରହିବ ପୂଜା

ନୂଆଦିଲ୍ଲୀ, ୨/୨ : ବାରାଣସୀର ଜ୍ଞାନବ୍ୟାପୀ ମସଜିଦର ବେସମେଣ୍ଟରେ ପୂର୍ବଭଳି ପୂଜାର୍ଚ୍ଚନା ହୋଇପାରିବ। ପୂଜାର୍ଚ୍ଚନା ବିରୋଧରେ ହୋଇଥିବା ଆବେଦନକୁ ଆଜି ଆହ୍ଲାବାଦ ହାଇକୋର୍ଟ ଗ୍ରହଣ କରି ନାହାନ୍ତି। ପ୍ରଥମେ ବାରାଣସୀର ଗୋଟିଏ କୋର୍ଟ ବେସ୍‌ମେଣ୍ଟରେ ସିଲ୍ ହୋଇଥିବା ଅଞ୍ଚଳରେ ହିନ୍ଦୁ ପକ୍ଷଙ୍କୁ ପୂଜା କରିବା ପାଇଁ ଅନୁମତି ଦେଇଥିଲେ। ଏହା ବିରୋଧରେ ଅଞ୍ଜୁମାନ ଇନ୍ତେଜାମିଆ ମସଜିଦ୍ କମିଟି ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ତେବେ ହାଇକୋର୍ଟ ମୁସଲିମ ପକ୍ଷଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ଦେଇ ନାହାନ୍ତି। ବେସମେଣ୍ଟରେ ଚାଲିଥିବା ପୂଜା ଉପରେ କୋର୍ଟ କୌଣସି ରୋକ ଲଗାଇବାକୁ ମନା କରି ଦେଇଛନ୍ତି। ହାଇକୋର୍ଟ ଏକକ ବେଞ୍ଚର ଜଷ୍ଟିସ ରୋହିତ ରଞ୍ଜନ ଅଗ୍ରଓ୍ୱାଲ ଜ୍ଞାନବ୍ୟାପୀ ମସଜିଦ ବାହାରେ ଓ ଭିତରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସ୍ୱାଭାବିକ ରଖିବା ପାଇଁ ଆଡଭୋକେଟ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ଶୁଣାଣି ଆସନ୍ତା ଫେବୃଆରୀ ୬ରେ ହେବ। ଏହି ସମୟସୀମା ମଧ୍ୟରେ ପୂଜା ଉପରେ କୌଣସି ପ୍ରକାରର ରୋକ ଲାଗି ପାରିବ ନାହିଁ। ପୂଜା ପାଇଁ ବାରାଣସୀ କୋର୍ଟ ଦେଇଥିବା ରାୟ ବିରୋଧରେ ମସଜିଦ କମିଟି ସିଧା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତ ଆବେଦନକାରୀଙ୍କୁ ପ୍ରଥମେ ଆହ୍ଲାବାଦ ହାଇକୋର୍ଟରେ ଆବେଦନ କରିବାକୁ କହିଥିଲେ। ତେଣୁ କମିଟି ହାଇକୋର୍ଟରେ ଆବେଦନ କରିଥିଲା। ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ ଏସଏଫଏ ନକବୀ ଓ ପୁନୀତ ଗୁପ୍ତା ମସଜିଦ କମିଟି ପାଇଁ ପକ୍ଷ ରଖିଥିଲେ।


## ଶପଥ ନେଲେ ଚମ୍ପାଇ ସୋରେନ୍



ଝାଡ଼ଖଣ୍ଡ, ୨/୨: ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଗିରଫ ହେବାର ୨ ଦିନ ପରେ ଝାଡ଼ଖଣ୍ଡକୁ ମିଳିଛି ନୂଆ ମୁଖ୍ୟମନ୍ତ୍ରୀ। ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେଇଛନ୍ତି ଚମ୍ପାଇ ସୋରେନ। ରାଞ୍ଚି ସ୍ଥିତ ରାଜଭବନରେ ଚମ୍ପାଇଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ରାଜ୍ୟପାଳ ସି.ପି. ରାଧାକୃଷ୍ଣନ। ଚମ୍ପାଇଙ୍କ ସହିତ ମାତ୍ର ଦୁଇ ଜଣ ବିଧାୟକ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେମାନେ ହେଉଛନ୍ତି ଆରଜେଡି ବିଧାୟକ ସତ୍ୟାନନ୍ଦ ଭକ୍ତା ଓ କଂଗ୍ରେସ ବିଧାୟକ ଆଲାମଗିର ଆଲମ। ଆସନ୍ତା ୧୦ ଦିନ ଭିତରେ ଚମ୍ପାଇ ସୋରେନ ସୋରେନଙ୍କୁ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ପ୍ରମାଣ ଦେବାକୁ ହେବ। ଝାଡ଼ଖଣ୍ଡ ବିଧାନସଭାରେ ୮୧ଟି ଆସନ ଥିବା ବେଳେ ମ୍ୟାଜକ ନମ୍ବର ହେଉଛି ୪୧। ତେବେ ନିଜ ପାଖରେ ୪୩ ବିଧାୟକଙ୍କ ସମର୍ଥନ ଥିବା ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ। ଆଜି ମୁଖ୍ୟମନ୍ତ୍ରୀ ଚମ୍ପଇ ସୋରେନଙ୍କୁ ମିଶାଇ ମୋଟ ୩ ଜଣ ଶପଥ ନେଇଥିବା ବେଳେ ଅନ୍ୟ ୩୮ ବିଧାୟକ ସଂଖ୍ୟା ଗରିଷ୍ଠତା ପ୍ରମାଣ ହେବା ଯାଏ ହାଇଦ୍ରାବାଦରେ ରହିବେ। ଏଥିପାଇଁ ଦଳ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ବହୁମତ ସାବ୍ୟସ୍ତ କରି ସାରିବା ପରେ ଚମ୍ପାଇ ସୋରେନ୍ ନିଜ କ୍ୟାବିନେଟର ସମ୍ପ୍ରସାରଣ କରିବେ ବୋଲି ଜଣାପଡ଼ିଛି।

### ୫ ଦିନିଆ ରିମାଣ୍ଡରେ ଗଲେ ହେମନ୍ତ ସୋରେନ

ଝାଡ଼ଖଣ୍ଡ, ୨/୨: ରିମାଣ୍ଡରେ ଗଲେ ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋରେନଙ୍କୁ ପାଞ୍ଚ ଦିନିଆ ରିମାଣ୍ଡରେ ନେଇଛି। ଜମି ଦୁର୍ନୀତି ମାମଲାରେ ଅଧିକ ପଚରାଉଚରା ପାଇଁ ନ୍ୟାୟିକ ହେପାଜତକୁ ନେଇଛି ଇଡି। ଆଜି ସୁପ୍ରିମକୋର୍ଟ ଗିରଫଦାରୀ ଆବେଦନକୁ ଖାରଜ କରିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ରିମାଣ୍ଡରେ ନେଇଛି। ଗତ ବୁଧବାର



(୩୧)ରେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଗିରଫ କରିଥିଲା ତଦନ୍ତକାରୀ ସଂସ୍ଥା ଇଡି । ଜମି ଦୁର୍ନୀତିରେ ଅର୍ଥ ହେରଫେର ମାମଲାରେ ତାଙ୍କୁ ଗିରଫ କରିଥିଲା। ଏହାପରେ ଇଡିର ଗିରଫଦାରୀକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପହଞ୍ଚିଥିଲେ ସୋରେନ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କାଲି ଯେ ରାଜେନ୍ଦ୍ରାସନେ...

ଇମ୍ରାନ୍ ଖାନ୍ ନିଆଜି– ଓଡ଼ିଆରେ କୁହାଯାଉଥିବା 'କାଲି ଯେ ରାଜେନ୍ଦ୍ରାସନେ, ଆଜି ସେ ଫକୀର'ର ପାଲଟି ଯାଇଛନ୍ତି ଏକ ଜ୍ୱଳନ୍ତ ଉଦାହରଣ। ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଖେଳାଳିରୁ ବିଶ୍ୱକପ୍ ବିଜେତା କ୍ୟାପ୍‌ଟେନ୍ ଆଉ ତା'ପରେ ଦେଶର ପ୍ରଧାନମନ୍ତ୍ରୀରୁ ଏବେ କାରାଗାରର କୋଠରି ଭିତରେ ଅଧା ମିଲିଅନ୍ ଡଲାର ମୂଲ୍ୟର ରାଷ୍ଟ୍ରୀୟ ଉପହାରଗୁଡ଼ିକୁ ବିକ୍ରୟ କରିବା ଅପରାଧରେ ୨୦୨୩ ଅଗଷ୍ଟରୁ ଏକ ତିନିବର୍ଷିଆ ଜେଲ୍ ଦଣ୍ଡ ପାଇ । କିନ୍ତୁ ଏତିକିରେ ସରିନାହିଁ ତାଙ୍କର ଦୁର୍ଦ୍ଦଶା। ଆସନ୍ତା ସପ୍ତାହରେ ଅର୍ଥାତ୍ ଫେବ୍ରୁଆରୀ ୮ ତାରିଖରେ ପାକିସ୍ତାନରେ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରିବାରୁ ତ ଆଗରୁ ହୋଇ ସାରିଛନ୍ତି ବଞ୍ଚିତ । ୨୦୧୮ରେ ଯେତେବେଳେ ଶ୍ରୀଯୁକ୍ତ ଖାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) କ୍ଷମତାକୁ ନିର୍ବାଚିତ ହେଲା, ବିରୋଧୀ ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ୍ (ପିଏମ୍‌ଏଲ୍-ଏନ୍) ଏବଂ ପାକିସ୍ତାନ ପିପଲ୍'ସ ପାର୍ଟି (ପିପିପି) ଦେଶର ସାମରିକ ବାହିନୀ ବିରୁଦ୍ଧରେ ଅଭିଯୋଗ ଉଠାଇ ଥିଲେ ଇମ୍ରାନ୍‌ଙ୍କ ଦଳ ସପକ୍ଷରେ ନିର୍ବାଚନୀ ରିଗିଂର, କାରଣ ସେ ଥିଲେ ସେନା ଅଧିକାରୀମାନଙ୍କ ପସନ୍ଦ । ଏହାର ବର୍ଷକ ପୂର୍ବରୁ ପାନାମା ପେପର୍ସ ଅଭିଯୋଗରେ ପିଏମ୍‌ଏଲ୍- ଏନ୍ ନେତା ନୱାଜ୍ ଶରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା ଏବଂ ସେ ଦୋଷୀ ସାବ୍ୟସ୍ତ ହୋଇ କାରା ଦଣ୍ଡାଦେଶ ପାଇବା ପରେ ନିର୍ବାସନରେ ପଳାଇ ଯାଇଥିଲେ । ଏବେ ଇମ୍ରାନଙ୍କ ପାଳି । ଗତ ମଙ୍ଗଳବାର ଦିନ ଜେଲ୍‌ରେ ଥିବା ଇମ୍ରାନ୍‌ଙ୍କୁ ଏକ ସ୍ପେଶିଆଲ କୋର୍ଟ ୧୦ ବର୍ଷର କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ସାଧାରଣରେ 'ସାଇଫର କେସ୍' ବୋଲି କୁହାଯାଉଥିବା ଏକ ମାମଲାରେ, ଯେଉଁଥିରେ ତାଙ୍କ ବିରୁଦ୍ଧରେ ଅଭିଯୋଗ ହେଉଛି– ସେ ଦେଶର ଗୋପନୀୟତାକୁ ପ୍ରକାଶ କରିଥିଲେ। କେବଳ ଏତିକି ନୁହେଁ, ବେଡ଼ି ଉପରେ କୋରଡ଼ା ଭଳି ଠିକ୍ ତା' ପରଦିନ, ଅର୍ଥାତ୍ ବୁଧବାର ଦିନ ପାକିସ୍ତାନର ଆଉ ଏକ କୋର୍ଟ ତାଙ୍କୁ ଏବଂ ତାଙ୍କ ପତ୍ନୀ ବୁସ୍ରା ବିବିଙ୍କୁ ସେମାନେ କ୍ଷମତାରେ ଥିବା ବେଳେ ମିଳିଥିବା ଉପହାରଗୁଡ଼ିକରୁ କିଛି ନିଜ ପାଖରେ ରଖୁବା ଅଭିଯୋଗରେ ଯାହାକୁ ତୋଷଖାନା କେସ୍ ବୋଲି କୁହାଯାଉଛି ମାମଲାରେ ଦେଇଛନ୍ତି ୧୪ ବର୍ଷର କାରା ଦଣ୍ଡାଦେଶ । ଏସବୁରୁ ଯେଉଁ ବାଆଁଟି ମିଳୁଛି, ତାହା ବେଶ୍ ସ୍ପଷ୍ଟ। ସେନାର ପୂର୍ବତନ ପୋଷ୍ଟର ବୟ ବା ହାତର କ୍ରୀଡ଼ନକ ଯେତେବେଳେ ସେନାଧକ୍ଷମାନଙ୍କ ବିରୋଧରେ ଗଲେ, ସେନା ତାଙ୍କୁ ଆଦିଆଲା ଜେଲକୁ ପଠାଇବାର ସବୁ ବନ୍ଦୋବସ୍ତ କରିଦେଲା ୨୦୨୨ରେ କ୍ଷମତାରୁ ତଡ଼ି । ସେ ସେନା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ତାଙ୍କୁ କ୍ଷମତାରୁ ବହିଷ୍କାର କରିବାକୁ ଷଡ଼ଯନ୍ତ୍ର କରୁଥିବାର ଅଭିଯୋଗ ଉଠାଇ ଥିଲେ ଏକ ଭ୍ୟାଲିରେ ଏକ କାଗଜ ଖଣ୍ଡକୁ ହାତରେ ଧରି ଜନତାଙ୍କ ଆଡ଼କୁ ଦେଖାଇ, ଯାହା ଥିଲା ତତ୍କାଳୀନ ପାକିସ୍ତାନ ରାଷ୍ଟ୍ରଦୂତଙ୍କ ଦ୍ୱାରା ଆମେରିକାକୁ ପଠା ଯାଇଥିବା ଏକ କୂଟନୀତିକ କେବୁଲ । ସେଇଟା ହେଲା ତାଙ୍କ ପାଇଁ ବୁମେରାଂ । ସରକାରୀ ଗୋପନୀୟତା ଆଇନ ଉଲ୍ଲଙ୍ଘନର ଅଭିଯୋଗ ଅଣାଗଲା ତାଙ୍କ ବିରୁଦ୍ଧରେ, ଯାହାର ପରିଣତି ଏବେ ଜେଲ୍ ଦଣ୍ଡ । ପାକିସ୍ତାନର ନ୍ୟାୟିକ ବ୍ୟବସ୍ଥା ତ ପ୍ରାୟ ନିଜର ନିମ୍ନଗତି ପାଇଁ ଚର୍ଚ୍ଚାରେ ଥାଏ । ତେବେ ଏସବୁ ସତ୍ତ୍ୱେ ବି ପାକିସ୍ତାନ କ୍ଷେତ୍ରରେ ଆଦୌ 'କେବେ ନୁହେଁ' ଶବ୍ଦ ଦୁଇଟିକୁ କେବେହେଲେ ବି ପ୍ରୟୋଗ କରାଯାଇ ପାରିବ ନାହିଁ, କାରଣ ନୱାଜ୍ ଶରିଫ୍‌ଙ୍କ କ୍ଷେତ୍ରରେ ହେଉ କି ଜେନେରାଲ ପରଭେଜ୍ ମୁଶାରଫ୍‌ଙ୍କ କ୍ଷେତ୍ରରେ ଯେମିତି ଦେଖିବାକୁ ମିଳିଛି ଯେ ଏକଦା କ୍ଷମତାରୁ ବିତାଡ଼ିତ ହୋଇଥିବା, ଏମିତିକି ନିର୍ବାସନରେ ଯିବା ପାଇଁ ବାଧ ହୋଇଥିବା ଏହି ନେତାମାନେ ମଧ ପୁଣି ପାକିସ୍ତାନକୁ ଫେରିଛନ୍ତି ଏବଂ କ୍ଷମତାକୁ ଫେରିବା ପାଇଁ ଯୋଗ୍ୟ ହୋଇଛନ୍ତି। ଇମ୍ରାନ୍, ଯିଏକି ପାକ୍ କ୍ରିକେଟ୍ ଦଳର ଜଣେ ସଫଳ ଅଧିନାୟକ ଥିବା ବେଳେ ନିଜ ଇଚ୍ଛାରେ ଦଳର ଖେଳାଳିମାନଙ୍କୁ ବାଛୁଥିଲେ, ଯାହା ୧୯୯୨ରେ ବିଶ୍ୱକପ୍ ବିଜେତା ହୋଇ ପାରିଥିଲା, ସେ ଭଲ ଭାବରେ ଦେଶର ନେତାମାନଙ୍କର ଝୁଙ୍କ୍ ବିଷୟରେ ଏକଥା ଅବଶ୍ୟ ଜାଣନ୍ତି । ପୁନଶ୍ଚ, ପାକ୍ ସେନାର କୁଖ୍ୟାତି ତ କାହାକୁ ଅଜଣା ନୁହେଁ। ଯିଏ ଏହି ସେନା ନିକଟରେ ମୁଣ୍ଡ ନୁଆଁଏ ନାହିଁ, ସେନା ତା' ଉପରେ କଠୋର ପ୍ରତିଶୋଧାତ୍ମକ ପଦକ୍ଷେପ ନିଏ। ପାକିସ୍ତାନରେ ଗଣତନ୍ତ୍ର ଶାସନ ନାମକୁ ମାତ୍ର ଚାଲିଥାଏ। ଆଗକୁ ଏହା ଦେଖା ଯାଉଥିଲେ ବି ପରଦା ପଛରେ କିନ୍ତୁ ଥାଏ ସେନାର ଶାସନ। ପରନ୍ତୁ, ଏହା ସତ୍ତ୍ୱେ ନିର୍ବାଚନ ପରିଚାଳନା କଥା ଉଠିଲେ, ଏହା ଅବାଧ ଓ ନିରପେକ୍ଷ ହୋଇଥିବା ଚିନ୍ତା କରାଯାଏ । ସମ୍ପ୍ରତି ହେବାକୁ ଯାଉଥିବା ପାକ୍ ନିର୍ବାଚନ ଏକ ଫିକ୍ସଡ୍ ମ୍ୟାଚ୍ ଭଳି ମନେହୁଏ, କାରଣ ଇମ୍ରାନ୍ ପାକିସ୍ତାନର ସେନାବାହିନୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଶତ୍ରୁତାପୂର୍ଣ୍ଣ ଆଚରଣ କରିବା ଯୋଗୁଁ ବର୍ତ୍ତମାନ ଏଇ ଦୁଇ ଶକ୍ତିଶାଳୀ ବଳ ତଳେ ଚାପି ହୋଇ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ଉପରେ ଏତେ ଖପ୍‌ପା ଯେ ଇମ୍ରାନଙ୍କ ସହିତ କଥା ହେବାକୁ ତାଙ୍କ ଫୋନ୍ ବି ଉଠାଇ ନଥିଲେ। ଦଶନ୍ଧି ଦଶନ୍ଧି ଧରି ଆମେରିକାର ସହାୟତାରେ ପାକିସ୍ତାନ ପରିପୋଷିତ ହୋଇ ଆସୁଛି କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଏହି ରାଷ୍ଟ୍ର ପ୍ରତି ଦ୍ୱେଷ ଭାବ ସହିତ ନିଜ ଦେଶର ସେନାଙ୍କର ବିରୋଧୀ ହେବା ଇମ୍ରାନ୍‌ଙ୍କ ପାଇଁ କାଳ ହୋଇଛି । ତେବେ ତାଙ୍କ ବୟସ ଦୃଷ୍ଟିରୁ ସେ ଯେ ପରିସ୍ଥିତିରେ ପରିବର୍ତ୍ତନ ହେଲେ କ୍ଷମତାକୁ ଫେରି ପାରିବେ ନାହିଁ, ତାହା କ୍ୱଚିତ୍ କୁହାଯାଇ ପାରିବ। କିନ୍ତୁ ଆପାତତଃ ବର୍ତ୍ତମାନ ପାଇଁ ତାଙ୍କର କ୍ଷମତାକୁ ଫେରିବା ଏକ ଦୂରନ୍ତ ସ୍ୱପ୍ନ।

# କଙ୍କା-କାଳିଆ ବିଦ୍ରୋହ- ୧୯୧୭



## ଅଧ୍ୟାପକ ଗୋପବନ୍ଧୁ

'କଙ୍କା-କାଳିଆ ବିଦ୍ରୋହ-୧୯୧୭' ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଏକ ସ୍ୱଳ୍ପ ଆଲୋଚିତ ବିଷୟ। ଅନେକ ବର୍ଷଧରି ଏହା ଲୋକକଥନରେ ସିମୀତ ହୋଇ ରହିଥିଲା। ସ୍ୱାଧୀନତାର ବହୁବର୍ଷ ପରେ ମୟୂରଭଞ୍ଜ ବିଷୟରେ ଜାଣିବାକୁ ଆଗ୍ରହୀ ଥିବା ଗବେଷକଙ୍କ ନଜରରେ ଏବିଷୟ ପଡ଼ିଥିଲା। ତତକାଳୀନ ବିକ୍ଷିପ୍ତ ତଥ୍ୟ ଓ ଲୋକକଥନର ଆଧାରରେ ଏହି ଘଟଣାର ଐତିହାସିକ ରୂପରେଖ ପ୍ରସ୍ତୁତ କରାଗଲା। କୋଲକାତାର ଭାରତୀୟ ନୃତତ୍ତ୍ୱ ବିଭାଗର ଉପନିର୍ଦ୍ଦେଶକ ଡକ୍ଟର ପଶୁପତିନାଥ ମାହାତୋ ପ୍ରଥମେ ଏହା ଉପରେ କେତେକ ତଥ୍ୟ ଲୋକଲୋଚନକୁ ଆଣିଥିଲେ। ତାଙ୍କ ପରାମର୍ଶରେ ଏହା ଉପରେ ମୁଁ ଏକ ଗବେଷଣାତ୍ମକ ନିବନ୍ଧ କୋଲକାତାର ସ୍ୱନାମଧନ୍ୟ ଅନୁଷ୍ଠାନ ଏସିଆଟିକ୍ ସୋସାଇଟୀର ଏକ ବିଶେଷ ଅଧିବେଶନରେ ଉପସ୍ଥାପିତ କରିଥିଲି। କେତେକ ଖବରକାଗଜରେ ଏ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ମହାବିଦ୍ୟାଳୟ ସ୍ତରୀୟ କେତେକ ଆଲୋଚନା ଚକ୍ରରେ ଏହା ସ୍ଥାନିତ ହୋଇଥିଲା ଓ ଐତିହାସିକଙ୍କ ଦୃଷ୍ଟି ଆକର୍ଷଣ କଲା।

କ୍ରମେ ଏହା ମୟୂରଭଞ୍ଜ ଇତିହାସର ଅଂଶବିଶେଷ ହୋଇଥିଲା। ଏହି ବିଦ୍ରୋହର କେନ୍ଦ୍ରସ୍ଥଳ ବେତନଟିଠାରେ ଗଢି ଉଠିଲା କଙ୍କା-କାଳିଆ କ୍ଲବ। ଏହି ସଂଗଠନ ପ୍ରତିବର୍ଷ ଏହା ଉପରେ ବାର୍ଷିକ ଉତ୍ସବ ପାଳନ କରିଆସୁଛି ଓ ଏହି ବିଦ୍ରୋହର ସ୍ୱର୍ଣ୍ଣିମ ଗାଥାକୁ ପ୍ରସାର କରିଆସୁଛି। ବର୍ତ୍ତମାନର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଝାଡଖଣ୍ଡ ରଜ୍ୟର ରାଜ୍ୟପାଳ ଥିବା ସମୟରେ ଏହାର ସ୍ମାରକୀ ଉତ୍ସବକୁ ଆସିଛନ୍ତି ଓ ଏହି ବିଦ୍ରୋହର ସ୍ମୃତିଚାରଣ କରିଛନ୍ତି। ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

ଶହୀଦ କଙ୍କା ମାଝୀ ଓ କାଳିଆ ମହାନ୍ତ ଥିଲେ ଏହି ବିଦ୍ରୋହର ମୁଖ୍ୟ ସୂତ୍ରଧର। ତେଣୁ ଏହା କଙ୍କା-କାଳିଆ ବିଦ୍ରୋହ ନାମରେ ନାମିତ। ତାଙ୍କର ଅନ୍ୟତମ ମୁଖ୍ୟ ସହଯୋଗୀ ଥିଲେ ରିତୁକଲ କାମାର ଓ ନୟନ ସିଂ ମୁଣ୍ଡା। 'ହଲମିତାଂ' ସଂସ୍କୃତିର ଲୋକମାନେ ଥିଲେ ଏହି ବିଦ୍ରୋହର ସୂତ୍ରଧର। 'ହଲ'ର ଅର୍ଥ କୃଷକ ଜାତି ଓ 'ମିତାଂ'ର ଅର୍ଥ ମିତ୍ର ଜାତି। କୁଡୁମି, ସାନ୍ତାଳ, ଭୂମିଜ ପ୍ରଭୃତି ହେଉଛନ୍ତି କୃଷକ ଜାତି ଯେଉଁମାନେ କୃଷିକୁ ଜୀବିକା ରୂପେ ଗ୍ରହଣ କରନ୍ତି ଏବଂ କମାର, କୁମ୍ଭାର, ଡମ୍, ତନ୍ତୀ ପ୍ରଭୃତି ହେଉଛନ୍ତି ମିତ୍ର ଜାତି ଯେଉଁମାନେ କୃଷକମାନଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାନ୍ତି। ଏମାନଙ୍କ ମଧ୍ୟରେ ଭାଇଚାରାର ସମ୍ପର୍କ ବହୁକାଳରୁ ରହି ଆସିଛି। ଏମାନଙ୍କ ମଧ୍ୟରେ ଛୁଆଁ ଅଛୁଆଁ ଭେଦଭାବ ନାହିଁ। ସମସ୍ତେ ସାଙ୍ଗରେ ଉଠାବସା ଓ ଖିଆପିଆ କରନ୍ତି। ସମସ୍ତେ ଏକ ପ୍ରକାର ବନ୍ଧୁତ୍ୱର ସୂତ୍ରରେ ବନ୍ଧାବନ୍ଧି ହୋଇ ରହିଥାଆନ୍ତି।

ବିଦ୍ରୋହର ସୂତ୍ରପାତ ହୋଇଥିଲା ଜାନୁଆରୀ ୧୫ ତାରିଖ, ୧୯୧୭ ମସିହାରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳରେ। ଏହା ଥିଲା ପବିତ୍ର ଆଖାନ ଦିନ, ଯାହା ମକର ପର୍ବର ପର ଦିନ। ହଠାତ୍ ବହୁସଂଖ୍ୟାରେ ବିଦ୍ରୋହୀ ବିଭିନ୍ନ ପ୍ରକାର ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଧରି ବ୍ରିଟିଶ ରାଜ ଓ ଶୋଷଣକାରୀଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇ ମାଡି ଆସିନ୍ତି ବେତନଟୀ ହାଟ ଭିତରକୁ। ମୁନାଫାଖୋର ବ୍ୟବସାୟୀମାନେ ହାଟ ଛାଡ଼ି ପଳାଇ ଯାଆନ୍ତି। ହାଟ ପଡିଆ ସଭା ସ୍ଥଳରେ ପରିଣତ ହୁଏ। ଏହା ପରେ ବିଦ୍ରୋହୀମାନେ ହଜାର ହଜାର ସଂଖ୍ୟାରେ ମାଡି ଚାଲନ୍ତି ବ୍ରିଟିଶ କାର୍ଯ୍ୟାଳୟ ଆଡକୁ। ବିରାଟ ପଟୁଆର ଦେଖି କର୍ମଚାରୀ ଓ ଅଧିକାରୀମାନେ ଅଫିସ ଛାଡି ପଳାଇଯାନ୍ତି। ବିଦ୍ରୋହୀମାନେ ଅଫିସମାନଙ୍କରେ ଭଙ୍ଗା-ରୁଜା କରନ୍ତି ଓ ନିଆଁ ଲଗାଇ ଦିଅନ୍ତି। ହିଂସ୍ର ଜନତାଙ୍କୁ ଦେଖି ପୋଲିସମାନେ ଥାନା ଛାଡି ପାଇଯାଆନ୍ତି। ଅଳ୍ପ ସମୟ ମଧ୍ୟରେ ସମଗ୍ର ବେତନଟୀ ଅଞ୍ଚଳ ବିଦ୍ରୋହୀମାନଙ୍କ କବଜାକୁ ଚାଲିଆସେ। ବିପ୍ଳବୀ ପରିଷଦ ଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଏ ଯେ ଏ ଅଞ୍ଚଳରେ ବ୍ରିଟିଶ୍ ଶାସନର ସମାପ୍ତ ହୋଇଛି ଏବଂ ବିଦ୍ରୋହୀ ପରିଷଦ ଶାସନ କ୍ଷମତା ହାତକୁ ନେଇଛି।

ଦେଖୁ ଦେଖୁ ବିଦ୍ରୋହ ଆଖପାଖ ଅଞ୍ଚଳକୁ ବ୍ୟାପିଯାଏ। ବିଦ୍ରୋହୀମାନେ ବ୍ରିଟିଶର ଚାଟୁକାର ସର୍ଦ୍ଦାର ଓ ଜମିଦାର ଏବଂ ଇଂରେଜ କର୍ମଚାରୀଙ୍କ ଉପରେ ଆକ୍ରମଣ କରନ୍ତି। କେତେକେ ଭୟରେ ପଳାଇ ଯାଆନ୍ତି ଓ ଆଉ କେତେକେ ଧରାପଡି ପ୍ରଜାସଭାର ସମ୍ମୁଖୀନ ହୁଅନ୍ତି। ସେମାନଙ୍କୁ ଗ୍ରାମ ଛକ ଗଛରେ ବାନ୍ଧି ବିଚାର କରାଯାଏ। କେତେକଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଏ। ଏହି ବିଦ୍ରୋହ ପୂର୍ବରେ ବୈଶିଙ୍ଗା, ଉତ୍ତରରେ ଚିତ୍ରଡା, ପଶ୍ଚିମରେ ବୁଢୀଖମାରି ଓ ଦକ୍ଷିଣରେ ବୁଢାବଳଙ୍ଗ ନଦୀ ପର୍ଯ୍ୟନ୍ତ ବ୍ୟାପୀ ଯାଏ। ସମସ୍ତ ଅଞ୍ଚଳ ବ୍ରିଟିଶ ସାମ୍ରାଜ୍ୟ ମୁକ୍ତ ହୁଏ। ବିଦ୍ରୋହୀମାନେ ଯୋଗାଯୋଗର ସମସ୍ତ ମାଧ୍ୟମକୁ ବିଚ୍ଛିନ୍ନ କରିଦିଅନ୍ତି। ସଡକ ପଥରେ ଥିବା ପୋଲ ଗୁଡିକୁ ଭାଙ୍ଗି ଦିଅନ୍ତି। ରେଲ ଧାରଣା ଗୁଡିକୁ ତାଡି ଫିଙ୍ଗି ଦିଅନ୍ତି। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ବିଦ୍ରୋହୀ ପ୍ରହରୀମାନେ ଜଗି ରହନ୍ତି। କେଇଦିନ ପରେ ବିପ୍ଳବୀ ପରିଷଦର ବୈଠକ ବସି ଏକ ଗଣତାନ୍ତ୍ରିକ ସରକାରର ଗଠନ କରାହୁଏ। ଯେଉଁଥିରେ କଙ୍କା ମାଝୀ ରାଜା ଓ କାଳିଆ ମହାନ୍ତ ପ୍ରଧାନମନ୍ତ୍ରୀ ଭାବେ ମନୋନୀତ ହୁଅନ୍ତି। ଅନ୍ୟ ପଦାଧିକାରୀମାନେ ମଧ୍ୟ ମନୋନିତ ହୁଅନ୍ତି। ଏହା କଙ୍କା-କାଳିଆ ସରକାରଭାବେ ପରିଚିତ ହୁଏ। ଏହି ସରକାର ପତନ ହୁଏ ଏପ୍ରିଲ ୨୦ ତାରିଖ ୧୯୧୭ ମସିହାରେ। ତିନିମାସ ଧରି ସ୍ୱାଧୀନ ସରକାର ଚାଲିଥିଲା।

ମୟୂରଭଞ୍ଜ ଏକ ଗଡଜାତ ରାଜ୍ୟ ଥିଲା। ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଭୁଲବସତ ନିଜ ସମ୍ପର୍କୀୟଙ୍କ ଗୁଳିରେ ଆହତ ହୋଇ ୨୨ ଫେବୃଆରୀ, ୧୯୧୨ ମସିହାରେ ପ୍ରାଣତ୍ୟାଗ କରନ୍ତି। ତାଙ୍କ ପୁତ୍ର ଟିକାୟତ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ନାବାଳକ ଥିବା ଯୋଗୁଁ ଜିଲ୍ଲାର ଶାସନ ଭାର ବ୍ରିଟିଶ ସରକାର ନିଜ ହାତକୁ ନିଅନ୍ତି। ଏହି ସମୟରେ କ୍ରମାନ୍ୱୟରେ ମିଷ୍ଟର ଫିଲିପ୍, ମିଷ୍ଟର ସ୍କଟ୍ ଓ ମିଷ୍ଟର ପେକ୍ (ଆଇ.ସି.ଏସ୍.) ପଦାଧିକାରୀମାନେ ଏ ଜିଲ୍ଲାର ଶାସନ ଭାର ନେଇଥିଲେ। ଏହି ସମୟରେ ପ୍ରଜାମାନଙ୍କ ଉପରେ ଶୋଷଣ ଓ ଅତ୍ୟାଚାର ବଢ଼ିଥିଲା। ଜମିଦାର, ସର୍ଦ୍ଦାର, ପ୍ରଧାନ ଓ ଦାରୋଗାମାନଙ୍କ ସ୍ୱେଚ୍ଛାଚାର ଚରମ ସୀମାରେ ପହଞ୍ଚି ଥିଲା। ଏମାନଙ୍କ ବ୍ୟବହାର ଜାତିବାଦୀ ଥିଲା, ଭେଦଭାବପୂର୍ଣ୍ଣ ଥିଲା। ହଲମିତାଂ ସଂସ୍କୃତିର ଲୋକମାନେ ଜାତିଗତ ଭେଦଭାବ ବିଷୟରେ ଅବଗତ ନଥିଲେ। ପୂର୍ବରୁ କୃଷକମାନେ ଶସ୍ୟ ରୂପରେ ଖଜଣା ଦେଉଥିଲେ। କିନ୍ତୁ ବ୍ରିଟିଶ ଅଧିକାରୀମାନେ ଏହାକୁ ଟଙ୍କା ଆକାରରେ ଆଦାୟ କରିବାକୁ ନିର୍ଦ୍ଦେଶ ଦେଲେ। ଯେଉଁମାନେ ଅର୍ଥ ପୈଠ କରିପାରିଲେ ନାହିଁ, ତାଙ୍କ ଜମିକୁ ବ୍ୟାଜ୍ୟାପ୍ତ କରାଗଲା। ବ୍ରିଟିଶ ସରକାରଙ୍କ ଯୁଦ୍ଧନୀତି ମଧ ଲୋକମାନଙ୍କୁ କ୍ଷୁବ୍ଧ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ହୃଷ୍ଟପୁଷ୍ଟ ଯୁବକମାନଙ୍କୁ ବଳପୂର୍ବକ ସୈନ୍ୟବାହିନୀରେ ଭର୍ତ୍ତୀ କରିବାର ପ୍ରୟାସ ହୋଇଥିଲା। ଏ ସମସ୍ତ ବିଷୟ ଅସନ୍ତୋଷର କାରଣ ଥିଲା।

ଜନଅସନ୍ତୋଷର ସୁଯୋଗ ନେଇ ରେଣୁଗାଁର କାଳିଆ ମହାନ୍ତ, ବେତନଟୀର କଙ୍କା ମାଝୀ ଓ ନୟନ ସିଂ ମୁଣ୍ଡା, ଚିତ୍ରଡାର ଭୀମ ମହାନ୍ତ, ଖୁଣ୍ଟାପାଳର ମାଧବାନନ୍ଦ ନାଏକ, ଘୋଳମୁହାଁର ଅନୁରାଇ ମାଝୀ, ଗୋପିନାଥପୁରର ଗୋବର୍ଦ୍ଧନ ବେହେରା, ରିତୁ କଲ କାମାର ଓ ଆହୁରି ଅନେକ ଉଚ୍ଚାଭିଳାଷୀ ଯୁବକ ଏହାକୁ ଏକ ବିଦ୍ରୋହର ରୂପ ଦେବାପାଇଁ ଲାଗିପଡ଼ିଲେ। ଗାଁରୁ ଗାଁ, ହାଟରୁ ହାଟ, ଛକରୁ ଛକ ବୁଲି ବୁଲି ଏମାନେ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମର ଆଢୁଆଳରେ ବିପ୍ଳବର ମଞ୍ଜି ବୁଣିବାକୁ ଲାଗିଲେ। ବିଦ୍ରୋହର ପରିପକ୍ୱତା ଲକ୍ଷ୍ୟକରି ଠିକ୍ ମକର ପର ଆଖାନ ଦିନକୁ ବଛା ଯାଇଥିଲା ଏହାର ଆରମ୍ଭ ପାଇଁ। ସମସ୍ତ ଯୋଜନାକୁ ଗୁପ୍ତ ରଖା ଯାଇଥିଲା। ହଠାତ୍ ଏପରି ଏକ ବିଦ୍ରୋହ ବ୍ରିଟିଶ୍ ସରକାରଙ୍କୁ ଚକିତ କରି ଦେଇଥିଲେ। ବିଦ୍ରୋହକୁ କିପରି ଦମନ କରାଯିବ ସେ ବିଷୟ ଚିନ୍ତାର କାରଣ ବନିଥିଲା। କାରଣ ମୟୂରଭଞ୍ଜ ରାଜ୍ୟରେ ସେତିକି ସଂଖ୍ୟାରେ ସୈନ୍ୟ ନଥିଲେ। ବିଦ୍ରୋହ ଦମନ ପାଇଁ ସୁଦୂର କଲିକତା, ଜାମସେଦପୁର ଓ କଟକକୁ ସୈନ୍ୟ ପ୍ରେରଣ ପାଇଁ ଖବର ପଠାଗଲା। ଏଥିପାଇଁ ସମୟ ଲାଗିଲା।

୧୯୧୭ ମସିହା ଏପ୍ରିଲ୍ ୨୦ ତାରିଖ ଦିନ ଚିତ୍ରଡା ହାଟରେ ଜନତା ଦରବାର ବସିଥାଏ। ସ୍ଥାନୀୟ ଜମିଦାରଙ୍କ ପୁଅକୁ ଗିରଫ କରି ବିଚାର ଚାଲିଥାଏ। ଗୁପ୍ତଚରଙ୍କଠାରୁ ଖବର ପାଇ ବ୍ରିଟିଶ୍ ସୈନିକମାନେ ଚାରିଆଡୁ ଘେରିଯାନ୍ତି। ବ୍ରିଟିଶ ଫୌଜ ଓ ବିଦ୍ରୋହୀ ମାନଙ୍କ ମଧ୍ୟରେ କିଛି ସମୟ ଖଣ୍ଡଯୁଦ୍ଧ ଚାଲେ। ବିଦ୍ରୋହୀମାନେ ଅଧିକ ସମୟ ତିଷ୍ଠିରହି ପାରନ୍ତି ନାହିଁ। ଆତ୍ମ ସମର୍ପଣ କରନ୍ତି। ଏହା ପରେ ବ୍ୟାପକ ଗିରଫଦାରୀ ଆରମ୍ଭ ହୁଏ। ମୋଟ ପାଞ୍ଚ ହଜାର ଲୋକଙ୍କୁ ଗିରଫ କରାଯାଏ। ଏହିପରି ଭାବେ କଙ୍କା-କାଳିଆ ସରକାରର ପତନ ହୁଏ ଓ ବିଦ୍ରୋହର ମଧ୍ୟ ଅନ୍ତ ହୁଏ। ଏକ କାଳୀନଭାବେ ବିଭିନ୍ନ ଦଫାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିଚାର ଚାଲେ। ଏମାନଙ୍କ ମଧ୍ୟରୁ ୧,୧୧୮ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଏ। ଏମାନଙ୍କ ମଧ୍ୟରୁ ଚାରି ଜଣଙ୍କୁ ମୃତ୍ୟୁଦଣ୍ଡ, ଦୁଇଜଣଙ୍କୁ ଦେଶାନ୍ତର, ୩୩ ଜଣଙ୍କୁ ଅଜୀବ କାରାଦଣ୍ଡ ଓ ୯୭୫ ଜଣଙ୍କୁ ୨ ରୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଏ। ୧୯୧୭ ମସିହା ମେ ୩ ତାରିଖ ଦିନ ବର୍ତ୍ତମାନର ବାରିପଦାସ୍ଥିତ ଏମ୍.କେ.ସି. ହାଇସ୍କୁଲ ପରିସର ମଧ୍ୟରେ ଥିବା ବରଗଛ ନିକଟରେ ଚାରିଜଣଙ୍କୁ ମୃତ୍ୟୁଦଣ୍ଡ ଦିଅ ଯାଏ। ସେମାନେ ହେଉଛନ୍ତି କଙ୍କା ମାଝୀ, କାଳିଆ ମହାନ୍ତ, ନୟନ ସିଂ ମୁଣ୍ଡା ଓ ରିତୁକଲ କାମାର।

ପ୍ରତିବର୍ଷ ମୟୂରଭଞ୍ଜବାସୀ ମକରପର ଆଖାନ ଦିନ ସମସ୍ତ ଶହିଦ ଓ ବିପ୍ଳବୀମାନଙ୍କୁ ମନେ ପକାନ୍ତି ଓ ତାଙ୍କ ସଂଗ୍ରାମୀ ଗାଥାର ସ୍ମୃତି ଚାରଣ କରନ୍ତି।

ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

# ଶ୍ରୀରାମ ମନ୍ଦିରରେ ରାମଲାଲା



## ସୌଭାଗ୍ୟ ରଂଜନ ମହାନ୍ତି

ଶେଷରେ ଅଯୋଧ୍ୟାରେ ବହୁ ଆକାଂକ୍ଷିତ ଏବଂ ବହୁ ଚର୍ଚ୍ଚିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଏବଂ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦେଶକୁ ଏକ ନୂତନ ମୋଡ ଦେଇଛି। ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଲାଗି ଦୀର୍ଘ ୫୦୦ବର୍ଷର ଆଇନଗତ ଏବଂ ସାମାଜିକ ଲଢେଇର ଅବସାନ ଘଟିଛି। ଏହା ନିସନ୍ଦେହର ଯେ, ଶ୍ରୀରାମ ମନ୍ଦିରର ଉଦଘାଟନ ବା ପ୍ରତିଷ୍ଠା ଏକ ବହୁମୁଖୀ ମାଇଲ ଷ୍ଟୋନର ସଂକେତ ପ୍ରଦାନ କରିଛି। ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଇଣ୍ଡିଆନଙ୍କ ଦ୍ୱାରା ଭାରତ ଏବଂ ହିନ୍ଦୁଙ୍କ ଦ୍ୱାରା ହିନ୍ଦୁତ୍ୱବାଦର ପୁନଃ ଆବିଷ୍କାର କରିଥିବା ସଂକେତ ପ୍ରଦାନ କରିଛି। ଅଯୋଧ୍ୟାରେ ମନ୍ଦିରର ପ୍ରତିଷ୍ଠାକୁ ଏହାର ପ୍ରସ୍ତାବକମାନେ ବିଜୟର ଉତ୍ସବ ଭାବେ ପାଳନ କରୁଥିବା ବେଳେ ବିରୋଧିମାନେ ଏକ ବିପଦାତ୍ମକ ପଥର ଆରମ୍ଭ ହୋଇଥିବା ନେଇ ଆଶଙ୍କା କରୁଛନ୍ତି। ଏହା ନିସନ୍ଦେହ ଯେ, ଭାରତ ହେଉଛି ଏକ ଧର୍ମନିରପେକ୍ଷ ଏବଂ ସର୍ବଧର୍ମର ସମାହାରର ରାଷ୍ଟ୍ର। ଯେଉଁଠି ଦେଶର ସମ୍ବିଧାନ ସର୍ବଧର୍ମ ଏବଂ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଦେଇଛି। କିନ୍ତୁ ଦେଶରେ ଏପରି ବହୁ ଧାର୍ମିକ ପୀଠ ରହିଛି, ଯାହାକୁ ନେଇ ଏବେ ବି ଦୁଇ ସଂପ୍ରଦାୟ ହିନ୍ଦୁ ଓ ମୁସଲିମଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ତେଣୁ ବିରୋଧି ଦଳଙ୍କ ଆଶଙ୍କା କିଛି ଅମୂଳକ ନୁହେଁ ବୋଲି କୁହାଯାଇପାରିବ। ଅନ୍ୟପକ୍ଷରେ ପ୍ରାଣପ୍ରତିଷ୍ଠା ସମ୍ପନ୍ନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧିତ କରି ଯାହା କହିଛନ୍ତି, ତାହା ପ୍ରଣିଧାନ ଯୋଗ୍ୟ। ସେ କହିଛନ୍ତି ଯେ, ଦେଶର ଇତିହାସରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି, ଯେଉଁ ଯୁଗକି ଶତାବ୍ଦୀ ଶତାବ୍ଦୀ ଧରି ଅବ୍ୟାହତ ରହିବ। ତେବେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ନମ୍ରତାର ସହ ପାଳନ କରିବାକୁ ସେ ଆହ୍ୱାନ ଦେବା ସହ ଭଗବାନ ରାମ କେବଳ ମାନବ ହୃଦୟରେ ନୁହେଁ, ସବତ୍ର ବିଦ୍ୟାମାନ ବୋଲି କହିଛନ୍ତି। ଏହି ଭବ୍ୟ ମନ୍ଦିର ଭାରତର ସମୃଦ୍ଧ ପରମ୍ପରାଗତ ସଂସ୍କୃତି ଏବଂ ଭବିଷ୍ୟତ ପାଇଁ ଲକ୍ଷ୍ୟ ମଧ୍ୟରେ ଏକ ସେତୁ ଏବଂ ଦେଶର ଅଂଚଳ ଏବଂ ସଂପ୍ରଦାୟ ମଧ୍ୟରେ ଏକ ମିଳନର ସେତୁ ହେବ। ରାମ ରାଜ୍ୟର ବହୁମୁଖୀ ତଥା ବ୍ୟାପକ କାହାଣୀ, ସ୍ପଷ୍ଟ ରହିଛି। ଦେଶରେ ରାମରାଜ୍ୟର ପ୍ରତିଷ୍ଠା ପାଇଁ ଅଯୋଧ୍ୟା ମନ୍ଦିର ଭବିଷ୍ୟତରେ ଶାସକମାନଙ୍କୁ ଉତ୍ସାହିତ କରିବ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆଜିର ଦିବସ ତଥା ଜାନୁୟାରୀ ୨୨ ଏକ ତାରିଖ ନୁହେଁ। ଏହି ଦିବସ ଭାରତୀୟ ଇତିହାସରେ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଆଜକୁ ସହସ୍ର ବର୍ଷ ପରେ ମଧ ଭବିଷ୍ୟତ ପିଢି ଏହି ଦିନକୁ ନିଶ୍ଚିତ ଭାବେ ମନେ ପକାଇବେ। ମନ୍ଦିର ନିର୍ମାଣ କ୍ଷେତ୍ରରେ ନ୍ୟାୟାପାଳିକା ହେଉଛି ପ୍ରକୃତିରେ ଧନ୍ୟବାଦର ପାତ୍ର। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ରାମ ଜନ୍ମଭୂମି ସ୍ଥଳରେ ମନ୍ଦିର ନିର୍ମାଣରେ ସ୍ୱପ୍ନକୁ ସାକାର କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ନିଶ୍ଚିତ ଯେ, ସୁପ୍ରିମକୋର୍ଟର ପାଂଚଜଣିଆ ଖଣ୍ଡପୀଠରେ ସର୍ବସମ୍ମତ ରାୟ ଯେଉଁ ଦିନ ହିନ୍ଦୁ ଆବେଦନକାରୀଙ୍କ ସପକ୍ଷରେ ଆସିଥିଲା, ସେହିଦିନ ହିଁ ରାମମନ୍ଦିର ନିର୍ମାଣ ନିଶ୍ଚିତ ହୋଇଯାଇଥିଲା। ସର୍ବୋଚ୍ଚ ଅଦାଲତ ରାମ ଜନ୍ମଭୂମିକୁ ହିନ୍ଦୁଙ୍କୁ ଦେଇଥିବା ସତ୍ତ୍ୱେ ୧୯୯୨ ମସିହା ଡିସେମ୍ବର ୬ ତାରିଖ ଦିନ କରସେବକମାନଙ୍କ ଦ୍ୱାରା ବାବ୍ରୀ ମସଜିଦ୍ ଭଙ୍ଗକୁ ଗୁରୁତ୍ୱର ଆଇନ ଉଲଂଘନ ବୋଲି ଦର୍ଶାଇଥିଲେ। କହିବା ବାହୁଲ୍ୟ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ସଂଘ ପରିବାର ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦାବି କରି ଆସୁଥିବାବେଳେ ହିନ୍ଦୁମାନେ ଦୀର୍ଘ ୫୦୦ବର୍ଷ ଧରି ଲଢେଇ କରି ଆସୁଥିଲେ। ଦେଶ ସ୍ୱାଧୀନ ହେବା ପରେ ଏହାର ସମାଧାନ ପାଇଁ ସର୍ବୋଚ୍ଚ ଅଦାଲତକୁ ଦୀର୍ଘ ଦଶନ୍ଧି ଦଶନ୍ଧି ସମୟ ଲାଗି ଯାଇଥିଲା। ବିବାଦୀୟ ସ୍ଥଳକୁ ନେଇ ଦେଶରେ ବହୁବାର ଦୁଇ ସଂପ୍ରଦାୟ ମଧ୍ୟରେ ସାଂପ୍ରଦାୟିକ ଦଙ୍ଗା ଲାଗିଥିବାବେଳେ ବ୍ୟାପକ ଧନଜୀବନ କ୍ଷତି ଘଟିଥିଲା। ତେବେ ସୁପ୍ରିମକୋର୍ଟଙ୍କ ଚୂଡାନ୍ତ ରାୟ ଏବଂ ଏବେ ଭବ୍ୟମନ୍ଦିର ପ୍ରତିଷ୍ଠା ପରେ ଦୁଇ ସଂପ୍ରଦାୟ ମଧ୍ୟରେ ଯେଉଁଭଳି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି, ଜାତିଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ଭାରତ ବର୍ଷ ରାମମୟ ହୋଇଯାଇଛି, ତାହା ଭବିଷ୍ୟତରେ ଏକ ସୁନ୍ଦର ଭାରତ ଗଠନର ପଥ ପରିଷ୍କାର କରିବ। ଯେଉଁଠି ଜାତି, ଧର୍ମଗତ, ବିଦ୍ୱେଷ, ଘୃଣା ନଥିବ। ଦେଶରେ ସାଂପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା କରିବା ସହ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ। ସେହିପରି ଦେଶର ଏକତା, ସଂହତିକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଜରୁରୀ। ତେବେ ରାମମନ୍ଦିରର ପ୍ରବକ୍ତା ଥିବା ସଂଘ ପରିବାର ଏବଂ ବିଜେପି ଏହାକୁ ନେଇ ଆଉ ରାଜନୀତି କରିବା ମନୋଭାବ ପରିହାର କରିବା ଆବଶ୍ୟକ। ଅବଶ୍ୟ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ବିଜେପି ନିର୍ବାଚନ ଇସ୍ତାହାରର ପ୍ରଥମ ପ୍ରତିଶ୍ରୁତି ଥିଲା। ଯାହାକି ଏବେ ପୂରଣ ହୋଇଛି। ରାମମନ୍ଦିର ପ୍ରତିଷ୍ଠା ଉତ୍ସବକୁ ବିଜେପି ଓ ସଂଘ ପରିବାର ଯେପରି ପରିଚାଳନା କରିଥିଲେ, ତାହା ବିଜେପିର ଏକଚାଟିଆ କାରାବର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ, ଯେଉଁଥିପାଇଁ କି ଦେଶର ବିରୋଧି ଦଳଗୁଡିକ ଉତ୍ସବକୁ ବର୍ଜନ କରିଥିବାବେଳେ ମନ୍ଦିର ଓ ରାମଲାଲାଙ୍କ ସ୍ୱାଗତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅତୀତରେ ୯୦ ଦଶକରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ 'ନ୍ୟାଶନାଲ ଡେମୋକ୍ରାଟିକ୍ ଆଲିଆନସ୍' (ଏନଡିଏ) ଗଠନ ବେଳେ ରାମ ମନ୍ଦିର ପ୍ରସଙ୍ଗ ପରିହାର ପାଇଁ ଅଂଶୀଦାର ଦଳଗୁଡିକ ତାଙ୍କ ଉପରେ ଚାପ ପକାଇଥିଲେ। ମାତ୍ର ଏବେ ଅଂଶୀଦାର ଏବଂ ବିରୋଧି ଦଳଗୁଡିକ ହିନ୍ଦୁ ବିରୋଧି ହେବା ଆଶଙ୍କାରେ ରାମମନ୍ଦିରକୁ ସ୍ୱାଗତ କରିବାକୁ ବାଧ ହୋଇଛନ୍ତି। ମର୍ଯ୍ୟାଦାପୁରୁଷ ଭଗବାନ ଦେଶର ଜନସାଧାରଣ ମଙ୍ଗଳ କରନ୍ତୁ, ଦେଶରେ ରାମ ରାଜ୍ୟ ପ୍ରତିଷ୍ଠା ହେଉ, ଏହା ହିଁ ଆମର ପ୍ରାର୍ଥନା।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୯୪୩୭୯୯୪୩୭୯




## ତୋ ପାଇଁ

### ରମାକାନ୍ତ ଦାସ



ତୋ ପାଇଁ
ଆଜି ବି ମୁଁ ସଜାଏ ମୋ ସ୍ୱପ୍ନର ନଅରକୁ
ମୋ ସ୍ୱପ୍ନର ନଅରେ ପ୍ରେମଦୀପ ଜାଳି
ମୁଁ ଚାହିଁ ରହେ ତୋ ବାଟକୁ
ମୋ ସ୍ୱପ୍ନର ଅଙ୍କବଙ୍କା ଗଳିରେ
ମୁଁ ତତେ ଖୋଜୁଥାଏ ପ୍ରତିମୁହୂର୍ତ୍ତରେ
ଠିକ୍ ଗୋଟେ ପାଗଳ ଚାତକ ପରି ।

ତୁ କି ବୁଝିବୁ
ମୋ ପ୍ରେମର ମୁଲ
ଥୁଣ୍ଟା ବରଗଛଟିଏ ପରି
ଆଜି ବି ନିରୁତ୍ତର ମୁଁ
ତୋ ଅନୁପସ୍ଥିତି ମୋତେ
ବାରମ୍ବାର ଜଳାଏ
ତୋ ସ୍ମୃତି କେବେ ହସାଏ
କେବେ କନ୍ଦାଏ
ତୋ ଭାବନା ମତେ ଛଳନା
ଜାଲରେ ବାନ୍ଧିଦିଏ
ନାଁ ତତେ ପାଇପାରେ
ନାଁ ତତେ ଭୁଲିପାରେ

ମୋ ସ୍ୱପ୍ନର ଗହଣା ଆଖିରେ ସଜେଇ
ମୁଁ ଆଜି ବି ରୁହେ ତୋ ଅପେକ୍ଷାରେ ।

ନନ୍ଦିଗ୍ରାମ , ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ଗୁଡି

### ଚନ୍ଦ୍ର ମୋହନ ମେହେର

ଦୂରେ , ଖୁବ୍ ଦୂରେ ଉଡୁଥିଲା
ଜୀବନର ନୂତନ ଭାଷା ରଚୁଥିଲା
ସେତିକି ସେ ଖୋଜୁଥିଲା
ଆକାଶ ବକ୍ଷରେ ନିଜର ଅସ୍ତିତ୍ୱ

କୁନି ପିଲାର ହାତରୁ ଖସି
ଦିଗ୍ ବଳୟ ମଥା ଛୁଉଁଥାଏ
କୁନି ପ୍ରାଣର ଆକାଂକ୍ଷାରେ
ଉଲ୍ଲାସର ମେହେଫିଲ୍ ବସୁଥାଏ

ଶୂନ ଶାନ ପଡିଆରେ ମନଖୋଲା ହସ
ଆଣିଦେଉ ଥାଏ ନୂତନ ଗୁଂଜରଣ
ମନତଳେ ତୋଲୁଥାଏ
ନୂତନ ସଂଭାବନା
ସର୍ଜନାର ନୂତନ ଝରକାରେ

ନୂଆ ସ୍ୱପ୍ନ କୁ ନେଇ
ସେଇ ସ୍ୱପ୍ନ ମୟରେ
ଆଗେଇ ଚାଲୁଥାଏ
ପାଦେ ଦିପାଦ ତିନିପାଦ ....

ସାଉଁଟୁ ଥାଏ ନୂଆ ନୂଆ ସ୍ୱପ୍ନ
ପୁଣି ନୂଆ ନୂଆ ଆଶା
ନାଚୁଥାଏ ମହାଶୂନ୍ୟ ରେ
କେଉଁ ଏକ ପ୍ରବୀଣ
ନୃତ୍ୟାଂଗନାଙ୍କ ସହିତ।

## ଭିଜାସ୍ମୃତି

### ସିଦ୍ଧେଶ୍ୱର ତ୍ରିପାଠୀ

ସମୟ ସାଥିରେ ସମୟ ବିତିଛି
ବିତି ଯାଇଛି ସେ ଦିନ
ଆଜିବି ଏ ମନେ ସାଇତି ରଖିଛି
ତୋ ସ୍ମୃତିର ସବୁ ଚିହ୍ନ ।

କେଜାଣି କୋଉଠି କେମିତି ତୁ ଥିବୁ
ରଖିନି ଖବର ତୋର
ଆଖିବୁଜି ତୋତେ ହୃଦୟରେଦେଖେ
ସବୁ ଦୁଃଖ ହୁଏ ଦୂର ।

ଅବେଳରେ ତୋର ବାଟକୁ ଅନେଇଁ
ଝୁରେ ଏ ଅବୁଝା ମନ
ସମୟ ସାଥିରେ ସମୟ ବିତିଛି
ବିତି ଯାଇଛି ସେ ଦିନ ।

ଟିକିଏ ମୁଁ ହସେ ଟିକେ ଲୁହ ଦିଶେ
ଭାବନାରେ ତୋର ହଜେ
ମିଳିବନି ଯାହା ଜାଣିଲା ପରେବି
ଦିବା ନିଶି ତାକୁ ଖୋଜେ ।

ପୋଡା ପାଉଁସରୁ ଆଉକି ପାଇବି
ଅତୀତର ମଧୁବନ
ସମୟ ସାଥିରେ ସମୟ ବିତିଛି
ବିତି ଯାଇଛି ସେ ଦିନ ।

+କୁଣ୍ଡିଲୋ, ଖୋର୍ଦ୍ଧା

## ଜୟ ଶ୍ରୀ ରାମ

### ଝରଣା ବାରିକ

ରାମଙ୍କର ଆଗମନରେ ସନ୍ତୋଷ
ଚଉଦିଗେ ଗଲା ଭରି,
ଦୀପର ଆଲୋକେ ଦୀପାବଳୀ ହେଲା
ଅନ୍ଧାରକୁ ଅପସରି ।

ଇନ୍ଦ୍ର ଦେବତା ବି ପୁଷ୍ପ ବୃଷ୍ଟି କରି
ବରଷା ଦିଅନ୍ତି ଢ଼ାଳି,
ଭକତଙ୍କ ଖୁସି କହିଲେ ନସରେ
ଶ୍ରୀ ରାମଙ୍କୁ ଭାଳି ଭାଳି ? ।

ଶୀତ ମାଉସୀ ଟା ସ୍ୱାଗତ ଜଣାଏ
ଶବରୀ ଟିଏ ସେ ସାଜି,
ଦିନୁ ଦିନ ତାର ପ୍ରକୋପ ବଢାଏ
ରାମ ପ୍ରେମେ ଯାଏ ହଜି।

କୋହଲା ପାଗକୁ କୁହୁଡି ଆସିଛି
ଅର୍ଘ୍ୟ ଥାଳି ହାତେ ଧରି,
ପାଦ ଧୋଇ ଦେବ ପ୍ରଭୁ ରାମ ଙ୍କର
କାକର ଟୋପାକୁ ଝାରି।

ଅଯୋଧ୍ୟା ଅଯୋଧ୍ୟା ଲାଗଇ ଭାରତ
ହେବ କି ତ୍ରେତୟା ଯୁଗ,
ଏ କଳି ଯୁଗରେ ରାମ ରାଜ୍ୟ ସତେ
ହୋଇବ କି ପୁର୍ଣ୍ଣ ଭୋଗ।

ଦଶମୁଣ୍ଡ ନାହିଁ ରାବଣର ଏଠି
କେମିତି ଚିହ୍ନିବେ ରାମ,
ହନୁମାନ କିବା ଆସିବେ ଲେଉଟି
କରିବେ ଅଧୁରା କାମ।

ସୀତାଙ୍କ ସତୀତ୍ୱ ଜଣାନାହିଁ କେତେ
ଏହି ଘୋର କଳି କାଳେ,
ବେଳ ଥାଉ ଥାଉ ସେତୁ ବନ୍ଧା ହେଉ
ଗୁଣ୍ଡୁଚିର ବୁଦ୍ଧି ବଳେ।

ସମଲ, ତାଳଚେର, ଅନୁଗୋଳ
ମୋ :୯୫୫୬୮୪୬୯୩୨







# ସୁନା ଫଂଜୁରିରେ ଶୁଆ



ନଗେନ୍ଦ୍ର ନାଥ ପଟ୍ଟନାୟକ

ପର୍ସିଆ ଦେଶର ଜଣେ ବଣିକ ତାସାଙ୍ଗ ପାଖରୁ ଉପହାରଟିଏ ପାଇଲା । ଏହି ଉପହାରଟି ଥିଲା ଖୁବ୍? ସୁନ୍ଦର ସୁନା ପଂଜୁରୀରେ ଥିବା କଥାକୁହା ସବୁଜଶୁଆ । ବିଣିକ ଦିନେ ଭାରତ ଯାତ୍ରା କରିବାକୁ ଯୋଜନାକଲା । ସେତା ପରିବାର କୁଟୁମ୍ବଙ୍କୁ ପଚାରିଲା –ତୁମ ପ୍ରତ୍ୟେକ କଣ ଚାହୁଁଚ ?ବଣିକର ସ୍ତ୍ରୀ ଚଟକିନା କହିଲା,ମୋ ପାଇଁ ଗୋଟେ ଆଖିଝଲସା ସୁନ୍ଦରସିଲ୍କ ଶାଢି ଆଣିବ । ପରେ ପରେ ଝିଅ କହିଲା, ମୋ ପାଇଁ ଖେଳଣା ଶଗଡଟିଏ ଆଣିବ ।

ବଣିକ ଶାଗୁଆଶୁଆ ଆଡେ ମୁହଁବୁଲାଇ ପଚାରିଲା–ହେ ମୋ ସାଙ୍ଗ,ତୁମର କଣ ଦରକାର ? ଶୁଆ ଦୀର୍ଘଶ୍ୱାସ ଛାଡି କହିଲା –ମୁନିବ ! ଆପଣ ଯଦି ଭାରତରେ ସବୁଜ ଶୁଆମାନଙ୍କୁ ଭେଟନ୍ତି ମୁଁ ସୁସ୍ଥ ଓ ଜୀବିତ ଅଛିବୋଲି ଦୟାକରି ଜଣେଇ ଦେବେ । ସେମାନଙ୍କୁ କହିଦେବେ ମୁଁ ପର୍ସିଆର ଏ ବିରାଟଘରେ ଥିବା ପଂଜୁରି ଭିତରେ ବାସ କରୁଚି । ବଣିକଟି ତା ଖବରଟି ପହଁଚାଇ ଦେବ ବୋଲି ଶୁଆକୁ କଥା ଦେଲା ଆଉ ସେଠୁ ଭାରତ ଅଭିମୁଖେ ଯାତ୍ରାକଲା ।



ଭାରତରେ କାମଦାମ ସାରି ବଣିକଟି ସବୁଜିମା ବଗିଚା ବୁଲିବାକୁ ଗଲା । ସେଠାରେ ସବୁଜ ରଙ୍ଗର ଶୁଆ ଦଳଙ୍କ ଉପରେ ତା ଆଖି ଲାଖିଗଲା । ସେ ସେମାନଙ୍କ ପାଖକୁ ଯାଇ କହିଲା–ସାଙ୍ଗ ଶୁଆମାନେ, ତୁମର ଭଉଣୀଙ୍କ ଭିତରୁ ଜଣକର ଖବର ତୁମମାନଙ୍କ ପାଇଁ ଆଣିଚି । ସେ ଏଇ ଭାରତରେ ଫସି ଯାଇଛି । କିନ୍ତୁ ସେ ଏବେ ମୋ ସହିତ ବସବାସ କରୁଚି । ଶୁଆମାନଙ୍କ ଭିତରୁ ଜଣେ ଫୁରକିନା ଉଡିଗଲା ଓ ବଣିକର କାନ୍ଧ ଉପରେ ବସିପଡି କହିଲା, ଆମେ ଭାବୁଚୁ ସେ ନିରାପଦରେ ଅଛି । ଓହୋ, ତାହେଲେ ସେ ଖୁବ୍‌ସୁନ୍ଦର ପଂଜୁରିରେ ବାସକରୁଚି । ମୁଁ ତାକୁ ସୁଆଦିଆ ଖାଦ୍ୟ ଖୁଆଉଚି । ସେ କିନ୍ତୁ ତୁମମାନଙ୍କୁ ଜଣେଇବାକୁ ଇଛା କରୁଚି ଯେ ସେସୁସ୍ଥ ଓ ଭଲରେ ଅଛି-ବଣିକଟି କହିଲା । ଏକଥା ଶୁଣିସାରି ବଣିକ କାନ୍ଧରେ ବସିଥିବା ଶୁଆଟି ଥୁରୁଥୁରୁ ହୋଇ କମ୍ପିବାକୁ ଲାଗିଲା ଓ ତଳେ ଭୁସକିନା ପଡିଗଲା । ବଣିକଟି ଭୟରେ ଛାନିଆ ହୋଇଗଲା । କାକୁସ୍ଥ ବଣିକଟି ଶୁଆକୁ ଉଠେଇବାକୁ ଚେଷ୍ଟାକଲା । ହେଲେ ସେ ଅଚେତ୍ ହୋଇ ପଡିରହିଲା । ମୁଁ କଣ କଲିକହି ଭୋଭୋ ହୋଇ କାନ୍ଦିଲା । ମୁଁ କେବଳ ଖବରଟି ପହଁଚାଇବାକୁ ଚାହିଁଥିଲି । ହେଲେ ମୁଁଜାଣି ନ ଥିଲି ଶୁଆଟି ମରିବବୋଲି ।

ବଣିକଟି ନିଜଘରେ ପହଁଚି ପୋଷାଶୁଆ ପାଖକୁ ଗଲା । ଶୁଆଟି ଉତ୍ସାହର ସହିତ ପଚାରିଲା-ମୋଖବରଟି କଣ ସାଙ୍ଗମାନଙ୍କୁ ଜଣେଇ ଦେଲେ ? ସେମାନେ କଣ କହିଲେ ? ତୁମର ଖବରଟି ମୁଁ ସେମାନଙ୍କୁ ଜଣେଇ ଦେଲି । କିନ୍ତୁ ଖବର ଶୁଣିସାରି ତୁମର ଜଣେସାଙ୍ଗ ଗୋଟାପଣେ ଥରିଲା ଓ ତଳେ ଭୁସକିନା ପଡିଗଲା –ମନଦୁଃଖରେ ବଣିକଟି କହିଲା । ସେଇ ଶୁଆଟି ମଧ୍ୟ ଥରିଲା ଓ ପଡିଗଲା । ଶୁଆଟି ମରିଗଲା ଭାବି ବଣିକଟିବଡ ପାଟିରେ ଚିତ୍କାରକଲା –ହେ ଭଗବାନ ! ଏ କଣ ହେଲା । ତା ପରେ ସେ ପଂଜୁରିର ଦ୍ୱାର ଖୋଲିଲା ଓ ଶୁଆଟିକୁ ନେଇ ବଗିଚାକୁ ଚାଲିଗଲା ପୋତି ଦେବାପାଇଁ । ଗାତ ଖୋଲିସାରିବା ପରେ ଶୁଆଟିକୁ ଟେକିବ ଧରିବ ବୋଲି ବୁଲି ପଡଲା ବେଳକୁ ଶୁଆଟି ଛିଡାହେଲା ଆଉ ଫୁରକିନା ପାଖ ପାଚେରି ଉପରକୁ ଉଡିଗଲା । ବଣିକଟି ତାଟକାହୋଇ ଅନେଇ ରହିଲା । ଖୁସିରେ ଗଦ୍ ଗଦ୍ ହୋଇ କହିଲା –ସାଙ୍ଗ, ତୁମେ ଜୀବିତ ବୋଲି ମୋ ଖୁସୀର ସୀମା ନାହିଁ । ହେଲେ ତୁମେତଳେ ପଡିଗଲ କେମିତି ? ଶୁଆଟି ହସିହସି କହିଲା –ତଳେ ପଡିଯାଇଥିବା ଆରଶୁଆଟି ପ୍ରକୃତରେ ମରି ନଥିଲା । ସେ ମତେ ଖବର ପଠେଇଲା ମୁକ୍ତ ଆକାଶ ଅପେକ୍ଷା ସୁନା ପଂଜୁରି ବହୁତ ଭଲ । ପଂଜୁରିରୁ ମୁକୁଳିବାକୁ ସେ ମତେ ବାଟ ଦେଖେଇଥିଲା । ବଣିକ କହିଲା –ମୁଁ କେବେଭାବି ନଥିଲି ଯେ ତୁମେ ପଂଜୁରି ଭିତରେ ବଡ ମନଦୁଃଖରେ ଥିବ । ଏକଥା ଶୁଣି ଶୁଆଟି ଡେଣା ଝାଡି ମୁକୁଳା ଆକାଶକୁ ଫୁରକିନା ଉଡିଗଲା ।


ପ୍ରାକ୍ତନ ଅତିରିକ୍ତଶାସନ ସଚିବ, ଓଡିଶା ସରକାର
ଓସ୍କାରସିଟି,ଲକ୍ଷ୍ମୀସାଗର,
କେନାଲରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮


# ପୁଣି ଫେରିବ ବର୍ଣ୍ଣବୋଧ

ଯଶସ୍ୱିନୀ ପଟ୍ଟନାୟକ

ପିଲାମାନେ ବର୍ଣ୍ଣବୋଧ କଥା ଜାଣିଛ ନା । ତୁମ ଘରେ ତୁମ ବାପା-ମାଆ, ଆତ୍ମୀୟ ଓ ଅଭିଭାବକ ମାନେ ନିଶ୍ଚିନ୍ତ ଭାବେ ଏହାକୁ ପଢ଼ିଥିବେ । ତେବେ ମୁଁ ତ ନିଶ୍ଚିନ୍ତ ବର୍ଣ୍ଣବୋଧ ପଢ଼ିଛି କିନ୍ତୁ ଇତିମଧ୍ୟରେ ଏକ ବଡ଼ ଖୁସି ଖବର ତୁମପରି କେବଳ କୁନାକୁନି ପିଲାମାନେ ନୁହଁନ୍ତି, ସମଗ୍ର ଶିକ୍ଷାବିତ ମହଲ ପାଇଁ ଆମ ସମସ୍ତଙ୍କ ପାଇଁ ଆଉ ରାଜ୍ୟବାସୀଙ୍କ ପାଇଁ ଦୀର୍ଘ ଦିନର ଅପେକ୍ଷା ପରେ ପୁଣିଥରେ ଏହା ଆତ୍ମ ପ୍ରକାଶ କରିବାକୁ ଯାଉଛି । ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ମୂଳ କାଳଜୟୀ ବର୍ଣ୍ଣବୋଧକୁ ଅବିକଳ ଛପାଇବା ପାଇଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମତି ଦେଇଛନ୍ତି । ସରକାରଙ୍କ ଏହି ଅତ୍ୟନ୍ତ ଲୋକପ୍ରିୟ ନିଷ୍ପତ୍ତି ଓ ଉଦ୍ୟମକୁ ସମାଜର ସବୁ ମହଲଙ୍କୁ ଆନନ୍ଦ ଦେଇଛି । ସାହିତ୍ୟିକ, ଭାଷାବିତ ଓ ସଂସ୍କୃତି ଗବେଷକମାନେ ସାଧୁବାଦ ଜଣାଇଛନ୍ତି । ପାଖାପାଖି ୧୧୦ ବର୍ଷ ପରେ ପୁଣିଥରେ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ମୂଳ ଓଡ଼ିଆ ବର୍ଣ୍ଣବୋଧ ଛପା ଯିବାକୁ ନିଷ୍ପତ୍ତି ହୋଇଛି । ଏଥି ନିମିତ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଅଧୀନରେ ଥିବା ଓଡ଼ିଶା ଭାଷା ପ୍ରତିଷ୍ଠାନକୁ ବର୍ଣ୍ଣବୋଧର ମୂଳକପି ସଂଗ୍ରହ ଓ ସମ୍ପାଦନା ଦାୟିତ୍ୱ ଦିଆଯାଇଛି । ଏହା ଛପାଇବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ନିଷ୍ପତ୍ତି ନେଇଛନ୍ତି ଏହା ନିଶ୍ଚିନ୍ତ ତୁମ ସମସ୍ତଙ୍କୁ ଖୁସି ଦେଉଥିବ । ଭକ୍ତକବିଙ୍କ ମୂଳ ବହି ଆଧାରରରେ ପୁସ୍ତକଟିକୁ ପୁଣିଥରେ ଛାପିବାକୁ ନିର୍ଦ୍ଦେଶ ମିଳିଛି । ମୂଳକପି



ସଂଗ୍ରହ କରିବା ପାଇଁ ରାଜ୍ୟ ସଂସ୍କୃତି ବିଭାଗ ବିଭିନ୍ନ ଗଣମାଧ୍ୟମରେ ଏ ନେଇ ବିଜ୍ଞାପନଟିଏ ମଧ୍ୟ ଦେଇଥିଲେ । ଶେଷରେ ଏହି ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟିଛି ଓ ଭକ୍ତକବିଙ୍କ ଅଣନାତୁଣୀ ସୁଷ୍ମିତା ରଥଙ୍କ ଠାରୁ ଗତ ଅକ୍ଟୋବର ଚାରି ତାରିଖରେ ଓଡ଼ିଆ ଭାଷା ପ୍ରତିଷ୍ଠାନ କର୍ତ୍ତୃପକ୍ଷ ୧୯୦୧ ମସିହାରେ ପ୍ରକାଶିତ ସମ୍ପୂର୍ଣ୍ଣ ମୂଳ ବର୍ଣ୍ଣବୋଧର କପିର ନକଲଟି ସଂଗ୍ରହ କରିଥିଲେ ।

**ଭକ୍ତକବି ମଧୁସୂଦନ ରାଓ ଓଡ଼ିଆ ବର୍ଣ୍ଣବୋଧ ପ୍ରକାଶ କରିବା ପୂର୍ବରୁ ଆଉ ଗୋଟିଏ ବର୍ଣ୍ଣବୋଧକ ନାମକ ପୁସ୍ତକ ପ୍ରଚଳିତ ହୋଇଥିଲା । ମଧୁବାବୁଙ୍କ ବର୍ଣ୍ଣବୋଧ ପ୍ରକାଶ ପାଇବା ପରେ ଲୋକେ ଏହାକୁ 'କ' କଟା ବର୍ଣ୍ଣବୋଧ ବହି ବୋଲି କହିଲେ । ଭକ୍ତକବି ତାଙ୍କ ଜୀବଦଶାରେ ଯେତୋଟି ସଂସ୍କରଣ କରିଛନ୍ତି ସବୁଥର କିଛି ନା କିଛି ଶବ୍ଦରେ ପରିବର୍ତ୍ତନ କରିଛନ୍ତି ।**

ଅନ୍ୟପକ୍ଷରେ ମୂଳ ବର୍ଣ୍ଣବୋଧର କିଛି ଶବ୍ଦ ବର୍ତ୍ତମାନ ସମୟରେ ଅନାବଶ୍ୟକ ଓ ଅପ୍ରାସଙ୍ଗିକ ମନେ ହେଉଥିବାରୁ ପ୍ରାସଙ୍ଗିକତା ଆଧାରରେ ଏହାକୁ ସମ୍ପାଦନା କରାଯିବାକୁ ନିଷ୍ପତ୍ତି ହୋଇଚି । ବିଶେଷଜ୍ଞ କମିଟି ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ । ଏବେ ବର୍ଣ୍ଣବୋଧର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଯାଇଛି ଓ ଏହାର ଡମିକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ପରେ ଚୂଡ଼ାନ୍ତ ଛପା କାର୍ଯ୍ୟ ଆରମ୍ଭ ହେବ । ଦୀର୍ଘ ବର୍ଷ ପରେ ଭକ୍ତକବିଙ୍କ ଦ୍ୱାରା ପ୍ରକାଶିତ ଓଡ଼ିଆ ବର୍ଣ୍ଣବୋଧ ପ୍ରକାଶକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ଭକ୍ତକବି ମଧୁସୂଦନ ରାଓ ଓଡ଼ିଆ ବର୍ଣ୍ଣବୋଧ ପ୍ରକାଶ କରିବା ପୂର୍ବରୁ ଆଉ ଗୋଟିଏ ବର୍ଣ୍ଣବୋଧକ ନାମକ ପୁସ୍ତକ ପ୍ରଚଳିତ ହୋଇଥିଲା । ମଧୁବାବୁଙ୍କ ବର୍ଣ୍ଣବୋଧ ପ୍ରକାଶ ପାଇବା ପରେ ଲୋକେ ଏହାକୁ 'କ' କଟା ବର୍ଣ୍ଣବୋଧ ବହି ବୋଲି କହିଲେ । ଭକ୍ତକବି ତାଙ୍କ ଜୀବଦଶାରେ ଯେତୋଟି ସଂସ୍କରଣ କରିଛନ୍ତି ସବୁଥର କିଛି ନା କିଛି ଶବ୍ଦରେ ପରିବର୍ତ୍ତନ କରିଛନ୍ତି । ଭକ୍ତକବିଙ୍କ ବର୍ଣ୍ଣବୋଧ ଓଡ଼ିଆ ଭାଷାର ମୂଳପିଣ୍ଡ ସତ, କିନ୍ତୁ ସମୟକ୍ରମେ ଏହାକୁ ଐତିହ୍ୟର ମାନ୍ୟତା ଦେଇ ନୂଆ ଭାବେ ବର୍ଣ୍ଣବୋଧ ବିକାଶ ପାଇଁ ଗବେଷକମାନେ ମତ ରଖିଛନ୍ତି । ଓଡ଼ିଆ ବର୍ଣ୍ଣବୋଧ କେବଳ ଓଡ଼ିଆ ଭାଷା ସାହିତ୍ୟ ନୁହେଁ କୋଟି କୋଟି ଓଡ଼ିଆଙ୍କ ଭାବାବେଗର ଏହା ଏକ ଆବେଗିକ ଭାଷା ଓ ଜୀବନ କାହାଣୀର ପାଠପଢ଼ା । ବର୍ଣ୍ଣବୋଧର ଏହି ନୂଆ ଆତ୍ମପ୍ରକାଶ ଆମ ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଖୁସିର କଥା ।


+ ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ
ସେକ୍ଟର-୮, ସିଡିଏ, କଟକ


## କବିତା

ତୁମ ପାଇଁ

### ଶୀତ ଛାଡିବାର ଗୀତ

ନିରଞ୍ଜନ ସାହୁ

ଶୀତ ଆସିଲାଣି ଛାଡିଛାଡି
ଖରା ଆସିଲାଣି ମାଡିମାଡି
ସକାଳ କୁହୁଡି ବହଳିଆ ଅଛି
ଗାଡି ଚାଲୁଅଛି ଧାଡିଧାଡି ।

ଶାରୀ ' ରାମରାମ ' ରଟିରଟି
ଚାଷୀ ଥକ୍କାମାରେ ଖଟିଖଟି
ସକାଳ ସୁରୁଜ ଉପରକୁ ଉଠେ
କୁହୁଡି ଯାଉଛି ହଟିହଟି ।

ଖୁଣ୍ଟେ ବନ୍ଧା ଗାଈ ରଡିରଡ଼ି
ହମ୍ବାଳି ଛାଡୁଚି ଘଡିଘଡି
ମାଲିକ ତାହାର କ୍ଷୀର ଦୁହିଁ ନିଏ
ବାଛୁରୀ ଯାଉଛି ଝଡିଝଡି ।

ସକାଳୁଆ ଶୀତ କୁତୁକୁତୁ
ନିଆଁ ଜଳୁଅଛି ହୁତୁହୁତୁ
କ୍ଷେତରେ ନାନାଦି ଫସଲ ଫଳିଛି
ପାଚିଲା ବିଲାତି ପୁତୁପୁତୁ ।

ଶୀତୁଆ ପବନ ବହିବହି
ସଭିଙ୍କୁ ଯାଉଛି କହିକହି
ଶୀତକୁ ଡ଼ରିକି ରହିଯାଅ ନାହିଁ
କାମ କର ଶୀତ ସହିସହି ।

ମନ୍ଦାର ନାଲିଆ ଟହଟହ
ମନ୍ଦିରେ ଭକତ ଗହଗହ
ଶୀତ କମିଲାଣି ଭ୍ରମଣରେ ଯିବା
କେଉଁଆଡେ ଯିବା କହକହ ?


+ ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
(ମୋ) ୯୯୩୮୭୪୧୫୮୩


### ଜନନୀ ଜନମ ଭୂଇଁ

ରାମଚନ୍ଦ୍ର ବେହେରା

ଉତ୍ତରରେ ଯା'ର ହିମାଳୟ ଶୋହେ
ଗଂଗା କୁଳୁକୁଳୁ ବହେ
ପୂରୁବ ପଶ୍ଚିମ ଦକ୍ଷିଣରେ ଯା'ର
ସାଗର ଚରଣ ଧୁଏ ।

ଖଣିର ଭଣ୍ଡାର ଶସ୍ୟ ଗନ୍ତାଘର
ପାହାଡ ଜଂଗଲ ନଈ
ଯାହା କୋଳେ ଆମେ ଖୁସିରେ ରହିଛୁ
ସେ ଆମ ଭାରତ ଭୂଇଁ ।

ଜାତିର ଜନକ ଅହିଂସା ନୀତିରେ
ସତ୍ୟାଗ୍ରହ କରିଥିଲେ
ଗୋରା ଶାସନକୁ ଦେଶରୁ ହଟାଇ
ସ୍ୱାଧୀନତା ଆଣିଥିଲେ ।

ନେହେରୁ ସୁଭାଷ ବକ୍ସି ଜଗବନ୍ଧୁ
ସହି କେତେ କାରା ଦୁଃଖ
ଭାରତବାସୀଂକୁ ଆଣି ଦେଇଥିଲେ
ମୁକତି ସଂହତି ସୁଖ ।

ତ୍ରିରଂଗା ଉଡିଲା ହୋଇ ଫର ଫର
ଗଢାହେଲା ସମ୍ବିଧାନ
ହର୍ଷ ଉଲ୍ଲାସରେ ସଭିଏଁ କରିଲେ
ଜାତୀୟ ସଂଗୀତ ଗାନ ।

ଗଣତନ୍ତ୍ର ଦେଶେ ଗଣାହେଲୁ ଆମେ
ଇତିହାସ ରଚିଦେଇ
ସଂସ୍କୃତିରେ ଭରା ଭାରତ ଆମର
ଜନନୀ ଜନମ ଭୂଇଁ ।

ଆସ ମେଳ ହୋଇ ଶପଥ କରିବା
ଭେଦଭାବ ଭୁଲି ପ୍ରାଣେ
ସଭିଂକ ହିତରେ ଲାଗିଯିବା ଆମେ
ଦେଶ ଗଢିବାର କାମେ ।


+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬




### ଅକଲମକଲ ଟକଲ ଟିଆଁ

ସୁନୀଲ କୁମାର ପ୍ରଧାନ

ଅକଲ ମକଲ ଟକଲ ଟିଆଁ
ପାଠ ପଢ଼ିବାକୁ ଯିବ ସାନିଆ
ମନରେ ହରଷ ରଖିଛି କେତେ
ବହି ବସ୍ତାନି ଧରିଛି ହାତେ ।

ଅକଲ ମକଲ ଟକଲ ଟିଆଁ
ସାନିଆକୁ ଦେଖି ଆମ ପୁନିଆ
କୁଆଡେ ଯାଉଛୁ ନେଇକି ପୋଥି
ତୋ ସହ ମୁହିଁ ହେବି ଗୋ ସାଥି ।

ଅକଲ ମକଲ ଟକଲ ଟିଆଁ
ସାଥି ହୋଇ ଦୁହେଁ ମାରିଲେ ଡିଆଁ
ବିଦ୍ୟାଳୟ ଯାଇ ପଢିଲେ ପାଠ
ପାଠ ପଢିଲେ ଉଭୟ ଚାଟ ।

ଅକଲ ମକଲ ଟକଲ ଟିଆଁ
ପାଠ ପଢ଼ିବାକୁ ଡରୁଛ କିଆଁ
ଅଟଇ ମହାନ ଅମୂଲ୍ୟ ଧନ
ପାଉଥିବୁ ସଦା ତୁ ସମ୍ମାନ ।

ଅକଲ ମକଲ ଟକଲ ଟିଆଁ
କାହିଁକିରେ ତୁମେ ହୁଅ ଛାନିଆଁ
ବିଦ୍ୟାଳୟ ଯାଇ ପଢ଼ିବା ପାଠ
ନହେଲେ ବାପା ଦେବେରେ ଛାଟ ।


+ଝାଟିପଦର , ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬


### ଉଡିଯାଆ ଗୁଡିମୋର

ପ୍ରଶାନ୍ତ କୁମାର ଦାଶ

ସାତରଙ୍ଗୀ କାଗଜରେ
ତିଆରିଛି ତତେ
ଉଡିଯାଇ ଆକାଶରେ
ଖୁସି ଦେବୁ ମତେ ।।

ସାରିଦେଇ ପାଠପଢା
ଦାଣ୍ଡଘରେ ବସି
ଖୁସିହେଇ ତିଆରିଚି
ତତେ ହସି ହସି ।।

ସୁଲୁ ସୁଲୁ ପବନରେ
ଯିବୁ ଦୂରେ ଉଡି
ସୂତାଛାଡି ଉଡାଇଲି
ମୋର ଟିକି ଗୁଡ଼ି ।।

ଆକାଶର ଛାତିଛୁଇଁ
ଉଡୁଥିଲେ ତୁହି
ତଳେ ଥାଇ ଗୀତଗାଇ
ନାଚୁଥିବି ମୁହିଁ ।।

ପଢା ସାଥେ ଖେଳ ମେଳ
ଗୀତ ନାଚ ହସ
ଭଲଲାଗେ ଗୁଡିଉଡ଼ା
ରୂପ ରଙ୍ଗ ରାସ ।।

ଉଡ଼ାଜାହାଜରେ ବସି
ଯିବି ମାମୁଘର
ତୋପରି ମୁଁ ଉଡିଯିବି
ମନୁତେଜି ଡର ।।

ଉଡିଯାଆ ଗୁଡିମୋର
ବାଣ୍ଟିଦେଇ ସୁଖ
ତତେ ଦେଖି ଲିଭିଯାଉ
କୋହ ଲୁହ ଦୁଃଖ ।।


କୁଞ୍ଜର ସଙ୍ଗଳାଇ, ପିପିଲି ପୁରୀ
(ମୋ) ୯୬୬୮୮୨୨୧୯୦




### ମାଆର ଖାଦ୍ୟ, ଭାରି ସୁଆଦ

ସନ୍ତୋଷ କୁମାର ଅଦାବର

ଖୁଆଉଥିଲା ସେ ତା' ଛାତି ଅମୃତ
ମୁହିଁ ଶିଶୁ ଥିବା ବେଳେ
ଭାତ,ଡାଲି ଖାଇ ଜାଣିଲି ଯେବେ ସେ
ଖୁଆଏ ବସାଇ କୋଳେ ।।

ତା' ହାତ ରାନ୍ଧଣା କେତେ ସୁଆଦିଆ
ଲାଗଇ ମଧୁ ଠୁ ମିଠା
ଯାନି ଯାତରାରେ ଗଢ଼େ ଆମ ପାଇଁ
ସୁଆଦିଆ କ୍ଷୀରି ପିଠା ।।

ସଜ ପରିବାରେ ସନ୍ତୁଳା କରେ ସେ
ଅଳପ ତେଲ ପକାଇ
ମସଲା ମରିଚ ଆଦୌ ଦିଏ ନାହିଁ
ଯେବେ ତିଅଣ ରାନ୍ଧଇ ।।

ଛଅଟି ତିଅଣ ନଅଟି ଭଜାକୁ
ଲୋଡ଼ା ହୁଏ ନାହିଁ ମୋର
ଅମୃତ ସମାନ ଲାଗଇ ମୋତେ ତା'
ପିଆଜ ଶାଗ ପଖାଳ ।।

ମହୌଷଧି ତା'ର ହାତରନ୍ଧା ଖାଦ୍ୟ
ରୋଗ ଠୁ ରଖେ ଦୂରେଇ
ଭଲ ମନ୍ଦ କହି ଅଳି ନ କରିକି
ଶାନ୍ତିରେ ଦିଏ ମୁଁ ଖାଇ ।।


+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


### ମଜା ଲାଗେ ଭଲ

ଧ୍ରୁବ ଚରଣ ଘିବେଲା

ପାଠ ପଢ଼ିବା ମଜାରେ ଭାଇ
ପଢ଼ିବା ମଜା ଭଲ
ପାଠ ବୁଝିଲେ ପାଠ ସୁନ୍ଦର
ପାଠ ଧାରା ଉଜଳ ।
ଦୁଇ ଅକ୍ଷର ପଢ଼ିବା ନିଷ୍ଟେ
ହେବା ପାଠୁଆ ପିଲା
ଦଶ ଜଣରେ ହୋଇବା ଜଣେ
ପାଠ ମଜା ନିଆରା ।
ପଢ଼ିବା ସହ ଖେଳିବା ନିତି
ଦେହ ପାଇବ ବଳ
ସୁସ୍ଥ ରହିବା ପ୍ରାଥମିକତା
ପଢ଼ି ବଢ଼ିଲେ ଭଲ ।
ଯେଉଁ ସମୟେ ସେ କାମ କଲେ
ସୁନ୍ଦର ଲାଗେ କାମ
ପଢ଼ା ବେଳରେ ଖେଳି ବସିଲେ
ପାଠ ହୁଅଇ ବାମ ।
ଖେଳ ସମିୟା ଖେଳିବା ଭଲ
ପଢ଼ା ବେଳକୁ ପାଠ
ଆଜିର କାମ ଏବେ କରିବା
ଚାହିଁ ବେଳ ନିର୍ଘଣ୍ଟ ।
ପାଠର ମଜା ଖେଳର ମଜା
ପାଇବା ପିଲା ଜାଣେ
ମଜା ସାଉଁଟି ସୁଖ ପାଇଟି
ଯେ କରେ ସିଏ ଜିଣେ ।
ଭ୍ରମଣେ ଯାଇ ଜ୍ଞାନ ଅରଜି
ଲଭିବା ମଜା ସୁଖ
ଭଲ କଥାକୁ ଆଦରି ନେଇ
ତେଜିବା ମନୁ ଦୁଃଖ ।
ପାଠ ପଢ଼ିବା ପାଠ ସାରିବା
ଆଜିର ପାଠ ଏବେ
ପାଠର ମଜା ଖଜା ପରିକା
ସୁଖ ପାଇବା ତେବେ ।


+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

# ସନ୍ତରାଗଡିଆ ନୋଡାଲ ଉଚ୍ଚବିଦ୍ୟାଳୟରେ ୬୦ତମ ବାର୍ଷିକ ଉତ୍ସବ ପାଳିତ



ନୀଳଗିରି , ୦୨/୨ (ନି,ପ୍ର): ରବିବାର ଅପରାହ୍ନ ୨ଘଟିକା ସମୟରେ ସନ୍ତରାଗଡିଆ ନୋଡାଲ ଉଚ୍ଚବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ସେବା ନିବୃତ କୁଳସଚୀବ ପ୍ରଫେସର ଡ଼ଃ ରମେଶ ଚନ୍ଦ୍ର ମିଶ୍ର ଯୋଗଦେଇ ନିଜକୁ ଚେଷ୍ଟାକଲେ ଅସାଧ ସାଧନ କରିପାରିବେ ବୋଲି ଉପସ୍ଥିତ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ସୁବର୍ଣ୍ଣଶ୍ରୀ ପତ୍ରିକାର ସମ୍ପାଦକ କାଳିପଦ ପଣ୍ଡା ଗୁରୁଶିଷ୍ୟ ପରମ୍ପରାର ମହତ୍ତ୍ୱ ବୁଝାଇଥିଲେ। ସମ୍ମାନୀତ ଅତିଥି ଭାବରେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରଦୀପ ଚକ୍ରବର୍ତ୍ତୀ, ପୁରାତନ ଛାତ୍ର ସଂସଦର ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଡ଼. ଅକ୍ଷୟ କୁମାର ପାଣିଗ୍ରାହୀ, ପରିଚାଳନା ସମିତିର ସଭାପତି ମୁକ୍ତିକାନ୍ତ ବାରିକ, ଉପସଭାପତି ଅନୁଜା ପରିଡା, ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ସରପଞ୍ଚ ପୁରୁଷ୍ତମ ସେଠୀ, ସମିତିସଭ୍ୟ ଭୋଳନାଥ ମାଝୀ ଏବଂ ସାଧନ ସଂଯୋଜକ ସଞ୍ଜୟ କୁମାର ବାରିକ ପ୍ରମୁଖ ସ୍ୱ ସ୍ୱ ମତ ରଖିଥିଲେ। ଶିକ୍ଷକ ବିଦ୍ୟାଧର ବେହେରା, ଶିକ୍ଷୟତ୍ରୀ ଗାୟତ୍ରୀ ନାୟକ ଓ ନମିତା ମିଶ୍ର ମଞ୍ଚାପରିଚଳନା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ଶିକ୍ଷକ ବସନ୍ତ କୁମାର ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉଦ୍‌ଘାଟନର ୯ମାସ ପରେ ବି କାର୍ଯ୍ୟରେ ଲାଗୁନି ରୋଗୀ ସହାୟକଙ୍କ ବିଶ୍ରାମ ଭବନ

ଜୟପୁର, ୦୨/୨ (ନି,ପ୍ର): ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ କୋଟି ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ରୋଗୀ ସହାୟକ ଭବନ ଗତ ୯ମାସ ତଳେ ଲୋକାର୍ପିତ ହୋଇଥିଲା। ତେବେ ଏଯାଏଁ ଏହା କାର୍ଯ୍ୟକାରୀ ହୋଇ ନ ପାରି ଯେଉଁ ଲକ୍ଷ୍ୟରେ ଏହା ନିର୍ମାଣ କରାଯାଇଛି ତାହା ସାଧିତ ହୋଇପାରିନି। ରାଜ୍ୟ ସରକାର ଏହାର ପରିଚାଳନା ଭାର ମହିଳା ସ୍ୱୟଂ ସହାୟକ ଦଳକୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାରି ମଧ୍ୟରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପକ୍ଷରୁ ଜିଲ୍ଲାସମାଜ କଲ୍ୟାଣ ଅଧିକାରୀ, ସିଡିପିଓଙ୍କୁ ୫ଟି ଚିଠି ଦେବା ପରେ ବି କୌଣସି ମହିଳା ସ୍ୱୟଂ ସହାୟକ ଦଳକୁ ମିଶନଶକ୍ତି ପକ୍ଷରୁ ସଂପୃକ୍ତ କରାଯାଇନି କି ଏହାର ପରିଚାଳନ ଭାର ନେଇ ନାହାନ୍ତି। ଅପରପକ୍ଷରେ ଏହାର ପରିସରରେ ଥିବା ଖଟ ଗୁଡିକ ଧିରେ ଧିରେ ଖତ ଖାଇବାକୁ ବସିଲାଣି। ଖାସ୍ କରି ରୋଗୀ ଓ ସେମାନଙ୍କ ଚିକିତ୍ସା ପାଇଁ ଆସୁଥିବା ସଂପର୍କୀୟମାନେ ରହିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ବି ସଂପର୍କୀୟ ମାନେ ବିଶ୍ରାମ ନେଇ ନ ପାରି ଡାକ୍ତରଖାନା ପରିସରରେ ଡେରା ପକାଇ ରହୁଛନ୍ତି। ଫଳରେ ଭଲରେ ଥିବା ସହାୟକ ବି ବହୁ ସମୟରେ ରୋଗୀ ହେଉଥିବା ଦେଖିବାକୁ ମିଳିଛି। ଏହାରି ପରିସରରେ ୬୦ଟି ଶଯ୍ୟା ରଖାଯାଇଥିବା ବେଳେ ଏହାକୁ ତୁରନ୍ତ ବ୍ୟବହାରରେ ଲଗାଇବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି। ଡିଏଚଏଚ ପକ୍ଷରୁ ଏହାରି ମଧ୍ୟରେ ୫ଟି ଚିଠି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଓ ସିଡିଏମଓ ଙ୍କୁ ଦେଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏହାର ପରିଚାଳନା କରିବାପାଇଁ ରାଜ୍ୟ ସରକାର ପ୍ରତ୍ସାହନ ରାଶି ବି ରଖିଥିବା ସୂଚନା ମିଳିଛି। ରାଜ୍ୟ ସରକାର ମିଶନଶକ୍ତି ଯୋଜନାରେ ମହିଳା ଏସଏଚଜିଙ୍କୁ ସାମିଲ କରିବାକୁ ଯୋଜନା କରୁଥିବା ବେଳେ କାହିଁକି ବିଭାଗ ଇଚ୍ଛା ପ୍ରକାଶ କରି ଏସଚଜିକୁ ସଂପୃକ୍ତ କରାଉନି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଅଭିଯାନ ବାଟବଣା: ବର୍ଷାଜଳ ଅମଳ ପ୍ରକଳ୍ପ ଉପରେ ୱାର୍କିଂ ଟ୍ରାକ୍ ନିର୍ମାଣ



ରାଇରଙ୍ଗପୁର , ୦୨/୨ (ନି,ପ୍ର): ସ୍ୱାଧୀନତାର ୭୬ ବର୍ଷ ପରେ ମଧ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଲୋକେ। ଗରିବ ଖଟିଖିଆଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାଳମାଳ ଯୋଜନା ରହିଛି। ହେଲେ ଯେଉଁଠି ପ୍ରକଳ୍ପ ନିର୍ମାଣ ହେଲେ ଲୋକେ ସୁଫଳ ପାଇ ପାରିବେ ସେଠାରେ ପ୍ରକଳ୍ପ ନିର୍ମାଣ ନହୋଇ ଅନ୍ୟ ସ୍ଥାନରେ ନିର୍ମାଣ ହଉଛି। ଫଳରେ ସରକାରଙ୍କ କୋଟିକୋଟି ଟଙ୍କା ଜନସାଧାରଣଙ୍କ କାମରେ ନଆସି ନଷ୍ଟ ହେଉଛି। ଏହାର ଜ୍ୱଳନ୍ତ ଉଦାହାରଣ ଦେଖିବାକୁ ମିଳୁଛି ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦରେ।

୨୦୨୨ ଓ୨୦୨୩ ମସିହାରେ ପୌରପରିଷଦର ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଯାଜନାରେ ବର୍ଷା ଜଳ ଅମଳ ନିମନ୍ତେ ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଉକ୍ତ ପ୍ରକଳ୍ପ ଗୁଡ଼ିକ ମିସନ ଶକ୍ତିର ବିଭିନ୍ନ ମହିଳା ସଂୟ ସହାୟକ ଗୋଷ୍ଠୀ ଓ ଏସଡିଏ ଦ୍ୱାରା ନିର୍ମାଣ କରାଯାଇଥିଲା।

ସୂଚନାଯୋଗ୍ୟ ଯେ ବର୍ଷାଜଳ ଅମଳ ପ୍ରକଳ୍ପ ପାଇଁ ପୌରପରିଷଦର ବିଭିନ୍ନ ୱାର୍ଡରେ କୋଟିକୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ତେବେ ବର୍ଷାଜଳ ପ୍ରକଳ୍ପ ନିର୍ମାଣର ୬ ମାସ ପରେ ସମାନ ସ୍ଥାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଯୋଜନାରେ ୱାର୍କିଂ ଟ୍ରାକ୍ ?ଗୁଡ଼ିକ ନିର୍ମାଣ କରାଯିବାରୁ ପୂର୍ବରୁ ନିର୍ମିତ ପ୍ରକଳ୍ପ ମାଟିରେ ମିଶି ଯାଇଥିଲା। ଏଭଳି ଘଟଣା ବିଭିନ୍ନ ୱାର୍ଡରେ ହୋଇଥିବା ଦେଖିବାକୁ ମିଳିଛି। ଏହା ବ୍ୟତୀତ ଅଧିକାଂଶ ସ୍ଥାନରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଯୋଜନାରେ ନିର୍ମିତ ହୋଇଥିବା ବର୍ଷାଜଳ ଅମଳ ପ୍ରକଳ୍ପ ଗୁଡିକ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ସେଗୁଡିକ ମାଟିରେ ମିଶିଯାଇଛି ତ କିଛି ସ୍ଥାନରେ ନିର୍ମିତ ଭାବେ ନିର୍ମିତ ୱାର୍କିଂ ଟ୍ରାକ୍ ମଧ ନିମ୍ନମାନର କାର୍ଯ୍ୟ ଯୋଗୁଁ ତାହା ମଧ ମାଟିରେ ମିଶିଗଲାଣି।

ତେବେ କାହା ସ୍ୱାର୍ଥରେ ପୌରପରିଷଦ ପକ୍ଷରୁ ଏଭଳି ପ୍ରକଳ୍ପ ନିର୍ମାଣ କରାଯାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପୌରପରିଷଦର ବିଭିନ୍ନ ୱାର୍ଡରେ ଏଭଳି ସ୍ଥାନ ଅଛି କଚ୍ଚା ରାସ୍ତାରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇପାରୁନଥିବା ବେଳେ ଗୋଟିଏ (ସମାନ) ସ୍ଥାନରେ ବର୍ଷକୁ ଦୁଇ ଦୁଇ ଥର କାର୍ଯ୍ୟ କେମିତି ହେଉଛି ବୋଲି ପ୍ରଶ୍ନ ଉଠୁଛି ।

ଏ ସମ୍ବନ୍ଧରେ ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସହିତ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇନଥିଲା। ତେବେ ଯେଉଁ ସ୍ଥାନରେ ପ୍ରକ୍ଳପ ଜରୁରୀ ଅଛି ସେହି ସ୍ଥାନରେ ପ୍ରକ୍ଳପ ନିର୍ମାଣ ପାଇଁ ଦାବି ହେଉଛି।

# ଶାବର ଶ୍ରୀକ୍ଷେତ୍ରରୁ ଗଲା କଳାଜିରା: ପ୍ରସ୍ତୁତ ହେବ ମହାପ୍ରଭୁଙ୍କ ଭୋଗ



କୋରାପୁଟ, ୦୨/୨ (ନି,ପ୍ର): ଜୈବିକ ପଦ୍ଧତିରେ ଉତ୍ପାଦିତ କୋରାପୁଟ ଜିଲ୍ଲାର କଳାଜିରା ଚାଉଳରେ ପ୍ରସ୍ତୁତ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୋଗ। ଏଥିପାଇଁ ଆଜି ଶାବର ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ଯାଇଛି ଚାଉଳ। ୧୨ଜଣିଆ ଆଦିବାସୀ ମହିଳା ଦଳ ଶାବର ଶ୍ରୀକ୍ଷେତ୍ର କୋରାପୁଟସ୍ଥିତ ଜଗନ୍ନାଥ ମନ୍ଦିରରେ ଚାଉଳ ଅର୍ପଣ କରି ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରଗତି ଓ ଜୈବିକଶ୍ରୀ କମ୍ପାନି ଦ୍ୱାରା ଏହି ସୁଗନ୍ଧିତ ଚାଉଳକୁ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଶାବରମତି, ଡ. ରଞ୍ଜିତା ପୁଷ୍କର, ପ୍ରଗତି ସମ୍ପାଦକ ପ୍ରଭାକର ଅଧିକାରୀ, ସିଇଓ ଲୁନା ପଣ୍ଡା, ଜୈବିକଶ୍ରୀ ସିଇଓ ମୁରଲୀଧର ଅଧିକାରୀ, ଏମ୍‌ଡି ସୁରେନ୍ଦ୍ର ମସ୍ତି, ଅଞ୍ଜନିତା ଅଧିକାରୀ, ପ୍ରଦୀପ୍ତ ସାହୁ, କେ ?ସ୍ତୁବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କଳାଜିରା ଚାଉଳର ଗୁଣବତ୍ତା ଅନ୍ୟ ଚାଉଳ ଅପେକ୍ଷା ଉନ୍ନତମାନର। ତେଣୁ ଶ୍ରୀମନ୍ଦିର ରୋଷଶାଳରେ ନିୟମିତ ଭୋଗ ପ୍ରସ୍ତୁତ ହେଲେ ରାଜ୍ୟର ଅଗଣିତ ଚାଷୀ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି। ବିଶେଷ କରି ଖିରି ଓ ବିରିୟାନି ପାଇଁ ଏହି ଚାଉଳ ପୂର୍ବରୁ ବହୁଳ ଭାବେ ବ୍ୟବହାର ହେଉଥିଲା ବେଳେ ଏହି କିସମ ଧାନ ଚାଷ ପ୍ରାକୃତିକ ଦୁର୍ବିପାକ ସହ୍ୟ କରିବାର କ୍ଷମତା ରଖିଛି। ୧୪୦ରୁ ୧୫୫ଦିନ ମଧ୍ୟରେ ଏକର ପିଛା ୫ରୁ ୧୦କୁଇଣ୍ଟାଲ ପର୍ଯ୍ୟନ୍ତ ଏହା ଅମଳ ହୋଇଥାଏ। କଳାଜିରା କୋରାପୁଟ ଜିଲ୍ଲାକୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା ବେଳେ ମହାପ୍ରଭୁଙ୍କ ସେବାରେ ଲାଗିବା ଆଧ୍ୟାତ୍ମିକ ଉପଲବ୍ଧି ବୋଲି ମତପ୍ରକାଶ ପାଇଛି। କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ୧୮୦୦ରୁ ଅଧିକ ଚାଷୀ କଳାଜିରା ଧାନ ଚାଷ କରୁଛନ୍ତି। ବିଶେଷ କରି ଆଦିବାସୀ ମହିଳା ଚାଷୀ ଏହି ପାରଂପରିକ ଧାନକୁ ଚାଷ କରୁଛନ୍ତି। ସ୍ୱତନ୍ତ୍ର କିସମ ହୋଇଥିଲେ ସୁଦ୍ଧା ଧାନ ଚାଷ ସଂପର୍କିତ ଐତିହାସିକ ତଥ୍ୟ ଏପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନି। କମ ଉତ୍ପାଦନ ଓ ଅଧିକ ସମୟ ନେଉଥିବାରୁ ସମୟକ୍ରମେ ଏହି ଧାନ ଚାଷ କରିବାକୁ ଚାଷୀ ବିମୁଖ ହୋଇଥିଲେ। ତେଣୁ ସଂରକ୍ଷଣ କରି ରଖିବା ବଡ଼ ଚ୍ୟାଲେଞ୍ଜ ହୋଇଥିଲା। କିନ୍ତୁ ଗତ କିଛି ବର୍ଷରେ ବିଶ୍ୱ ବଜାରରେ ଏହି ଚାଉଳର ଚାହିଦା ବଢ଼ିବା ପରେ କୋରାପୁଟ ଜିଲ୍ଲାର ଅର୍ଥନୀତିକୁ ନୂଆ ଗତି ଦେବ ବୋଲି ଆଶା କରାଯାଉଛି।

## ନିଳକଣ୍ଠ ସାଗରରେ ବୁଡ଼ି ୯ ବର୍ଷର ବାଳିକାର ମୃତ୍ୟୁ

ଜୟପୁର, ୦୨/୨ (ନି,ପ୍ର): ଜୟପୁର ସହରର ନିଳକଣ୍ଠ ସାଗରରେ ବୁଡ଼ି ଜଣେ ୯ ବର୍ଷ ବାଳିକାର ମୃତ୍ୟୁ ହୋଇଛି । ମୃତ ବାଳିକା ଜଣକ ହେଲେ ଗୋପବନ୍ଧୁ ନଗରର କେ କମଳି (୯) । ପୋଲିସ ସୂଚନା ଅନୁଯାଇ ୩ ଜଣ ସାଙ୍ଗ ନିଳକଣ୍ଠ ସାଗରକୁ ଗାଧେଇବାରୁ ଯାଇ ବୁଡ଼ିଯାଇଥିଲେ । ୨ ଜଣ ଉଦ୍ଧାର ହୋଇଥିବା ବେଳେ କେ କମଳି ବାହାରି ପାରି ନଥିଲେ । ସାଗର କାର୍ଯ୍ୟ ଚାଲୁଥିବାରୁ ପାଣି ସୁଖାଯାଇଛି । ଠିକାଦାର କାମ ପାଇଁ ଟ୍ୟାଙ୍କ ଆକାରରେ କରି ପାଣି ରଖିଥିଲେ । ସେଠାରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତ ବାଳିକା ସ୍ଥାନୀୟ ଗୌଡ ସାହି ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ଜୟପୁର ଟାଉନ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ଗଣମାଧ୍ୟମରେ ଖବର ପ୍ରସାରଣ ପରେ ନିମ୍ନ ମାନର ଓଭର ହେଡ ଟାଙ୍କି ମରାମତି ଆରମ୍ଭ

ଚମ୍ପୁଆ, ୦୨/୨ (ନି,ପ୍ର): ବସୁଧା ଯୋଜନା ରେ ନିର୍ମିତ ଓଭର ହେଡ଼ ପାଣି ଟାଙ୍କିର ନିମ୍ନ ମାନର କାର୍ଯ୍ୟକୁ ନେଇ ଗଣ ମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ପାଣି ଟାଙ୍କି ଗୁଡ଼ିକର ମରାମତି ଆରମ୍ଭ ହୋଇଛି। ସୂଚନା ଯୋଗ୍ୟ କି, ଚମ୍ପୁଆ ବ୍ଲକକୁ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ମିରିଗିଶିଙ୍ଗା ଠାରେ ବସୁଧା ଯୋଜନାରେ ଏକ ପ୍ରକଳ୍ପ ନିର୍ମାଣ ସରିଛି। ଏହା ଦ୍ୱାରା ବ୍ଲକର ପ୍ରତି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ପ୍ରତି ପଂଚାୟତରେ ଗୋଟିଏ ଲେଖାଏଁ ଓଭର ହେଡ଼ ଟାଙ୍କି ନିର୍ମାଣ ସରିଛି। ତେବେ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ସିଲିପୁଞ୍ଜି ଓ ନିଶାଗଡିଆ ଠାରେ ନିର୍ମିତ ଓଭରହେଡ଼ ଟାଙ୍କିରେ ପାଣି ଭର୍ତ୍ତି କରାଯିବା ପରେ ଟାଙ୍କିର ସବୁ ଆଡ଼େ ଝରଣା ପରି ପାଣି ଝରୁଥିବା ଦେଖିବାକୁ ମିଳିଥିଲା। ଫଳରେ ଠିକା ସଂସ୍ଥାର ନିମ୍ନ ମାନର କାର୍ଯ୍ୟ ହେତୁ ପାଣି ଟାଙ୍କିର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ ଗ୍ରାମରେ ଅସନ୍ତୋଷ ଦେଖା ଦେଇଥିଲା। ଯାହାକୁ ନେଇ ଗଣ ମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା।

# ଉପ ଜିଲ୍ଲାପାଳଙ୍କ ଆଲୋଚନା ପରେ ଆଶାକର୍ମୀଙ୍କ ଆନ୍ଦୋଳନ ସ୍ଥଗିତ

ବଲାଙ୍ଗୀର, ୦୨/୨ (ନି,ପ୍ର): ଟିଟିଲାଗଡ ଉପଖଣ୍ଡ ଚିକିତ୍ସା କେନ୍ଦ୍ରରେ କାର୍ଯ୍ୟରତ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ବଳରାମ ସାହୁଙ୍କ ଆଶାକର୍ମୀ ଓ ପ୍ରସୁତିକୁ ଦୁଃବ୍ୟବହାର ଓ ଆଶାଳିନ ବ୍ୟବହାର ପ୍ରତିବାଦରେ ନିଖିଳ ଓଡିଶା ଆଶାକର୍ମୀ ସଂଘ ଟିଟିଲାଗଡ ବ୍ଲକ କମିଟି ତରଫରୁ ଆଜି ଠାରୁ ଅର୍ନିଦ୍ଧିଷ୍ଟ କାଳ ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନାରେ ଦିବା ରାତ୍ରି ଧାରଣ ଡାକରା ପରିପେକ୍ଷିରେ ଟିଟିଲାଗଡ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ଫଳରେ ଧାରଣ ସ୍ଥଗିତ ରହିବା ସହ ସଂଘର ରାଜ୍ୟ ସଭାପତି ବିଜୟ ଜେନା ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭେଟି ଆଲୋଚନା କରିଥିଲେ। ଆଲୋଚନାରେ ଡା. ବଳରାମ ସାହୁଙ୍କ ବିରୋଧରେ ଆସିଥିବା ଅଭିଯୋଗର ଏକ ତିନି ଜଣିଆ ତଦନ୍ତ କମିଟି ଗଠନ ସହ ତିନି ଦିନ ମଧ୍ୟରେ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶୃତି ଦେଇଥିଲେ। ପରେ ଆଶାକର୍ମୀମାନଙ୍କର ଏକ ସାଧାରଣ ସଭା ଆଦିବାସୀ କଲ୍ୟାଣ ସମିତି ସଭାଗୃହରେ ପ୍ରବିର କମ୍ପ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଆଶାକର୍ମୀ ସଂଘର ରାଜ୍ୟ ସାଧାରଣ ସଂପାଦିକା ନମିତା ସାହୁ, ଏଆଇଟିୟୁସି ନେତା ଅବକାଶ ସାହୁ, ଜିଲ୍ଲା ନେତା ତୀର୍ଥ ପ୍ରଧାନ, ଉଇ ଗୁପ୍ତା, ଆଦିବାସୀ କଲ୍ୟାଣ ସମିତିର ଜିଲ୍ଲା ସଂଗଠନ ଥବିର ପୁଜାରୀ, ବ୍ଲକ ନେତ୍ରୀ ବୃନ୍ଦାବତୀ ସରାଫ, ପ୍ରେମଲତା ନାଗ, ସୌଦାମିନୀ ମାଝି, କଳ୍ପନା ଛୁରା, ଗୀତାଞ୍ଜଳୀ ଶିକା, ବିଷ୍ଣୁପ୍ରିୟା ରଣା, ଶୋଭାବତୀ ମହାନନ୍ଦ, ଦେବୀ ନାଗ, କନ୍ଦର୍ପ ଦୀପ, ସାହେବ ନନ୍ଦ, ପାଣ୍ଡବ ଭୋଇ, ଶଶିମୁଖି ସୁନା, ସୁମିତ୍ରା ବେହେରା ବକ୍ତବ୍ୟ ଦେଇ ଡା. ବଳରାମ ସାହୁ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଥିଲେ। ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ନିମନ୍ତେ ଆହ୍ୱାନ ଦେଇଥିଲେ।

# ରାଉରକେଲାରେ ଶୁଆ ଚାଲାଣକାରୀ ରାକେଟ୍: ୪୦ ଶୁଆଶାବକ ଉଦ୍ଧାର, ବେପାରୀ ଗିରଫ



ରାଉରକେଲା, ୦୨/୨ (ନି,ପ୍ର): ରାଉରକେଲାରେ ଶୁଆ ଚୋରାଚାଲାଣକାରୀ ରାକେଟ୍ ମାତିଛନ୍ତି। ଗ୍ୟାଙ୍ଗର ଚେର ରାଉରକେଲାରୁ ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ବିଭିନ୍ନ ସହରକୁ ଲମ୍ବିଛି। ଆଜି ରାଉରକେଲା ବନବିଭାଗର ସ୍ୱତନ୍ତ୍ର ଟିମ୍ ଶୁଆ ଚୋରା ଚାଲାଣକାରୀ ରାକେଟର ଜଣେ ସ୍ଥାନୀୟ ବେପାରୀକୁ ଗିରଫକରି କୋର୍ଟ ଚାଲାଣ କରିଛି। ଅନ୍ୟ ଦୁଇଜଣ ଫେରାର ଅଛନ୍ତି। ଗିରଫ ବେପାରୀ ହେଲା ଲାଠିକଟା ବ୍ଲକ୍ ନୂଆଗାଁର ତାହିର ଅନ୍‌ସାରୀ (୫୦)। ତା' ଘରୁ ବନବିଭାଗ ଟିମ୍ ୪୦ଟି ଶୁଆ ଶାବକ ଜବତ କରିଛନ୍ତି। ଗୁରୁବାର ଦିନ ପାନପୋଷ ରେଞ୍ଜ ଅଫିସ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୩୧ ତାରିଖ ଲାଠିକଟା ଥାନା ଅନ୍ତର୍ଗତ ନୂଆଗାଁରେ ଜଣଙ୍କ ଘରେ କିଛି ଶୁଆଶାବକ ରଖାଯାଇଥିବା ସୂଚନା ମିଳିଥିଲା। ଅତିରିକ୍ତ ବନ ସଂରକ୍ଷକ ରାଜକୁମାର ସେଠୀଙ୍କ ନେତୃତ୍ୱରେ ଗଠିତ ଟିମ୍ ନୂଆଗାଁର ଉକ୍ତ ଘରେ ଚଢ଼଼ଉ କରି ୪୦ଟି ଶୁଆଶାବକ ଉଦ୍ଧାର କରିଥିଲେ। ତାହିରକୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା। ଶୁଆଶାବକ ଗୁଡ଼ିକୁ ଜଙ୍ଗଲ ନିକଟସ୍ଥ ସ୍ଥାନୀୟ ହାଟରୁ କିଣି ଏକାଠି କରୁଥିବା ପଚରାଉଚୁରାବେଳେ ତାହିର କହିଥିଲା। ପରେ ସେଗୁଡ଼ିକୁ ରାଉରକେଲା ସମେତ ରାଜ୍ୟ ଓ ରାଜ୍ୟ ବାହାରକୁ ଅନ୍ୟ ଦୁଇ ବେପାରୀଙ୍କ ଜରିଆରେ ଚାଲାଣ କରୁଥିଲା। କେବଳ ଏତିକି ନୁହେଁ ଉକ୍ତ ଦୁଇ ବେପାରୀ ଶୁଆଶାବକ ସ୍ଥାନୀୟ ମାର୍କେଟରୁ କିଣି ଆଣିବାକୁ ତାହିରକୁ ୧୦ ହଜାର ଟଙ୍କା ଅଗ୍ରୀମ ଦେଇଥିଲେ। ବେପାରୀ ଦୁହେଁ ରାଉରକେଲାରେ ଏକ ଘର ଭଡ଼ା ନେଇ ରହୁଥିଲେ। ସ୍ଥାନୀୟ ଲୋକଙ୍କୁ ଅଧିକ ରୋଜଗାର ଲୋଭ ଦେଖାଇ ଏଭଳି ବେଆଇନ କାମରେ ନିୟୋଜିତ କରୁଥିଲେ। ସେମାନେ ଏବେ ଫେରାର ହୋଇ ଯାଇଥିବା ଶ୍ରୀ ସେଠୀ କହିଥିଲେ। ପୂର୍ବରୁ ଉଦ୍ଧାର ହୋଇଥିବା ୮୨ ଶୁଆଶାବକ ଚାଲାଣ ଘଟଣାରେ ମଧ ଦୁଇ ଫେରାର ବ୍ୟକ୍ତିଙ୍କ ହାତ ରହିଥିବା ସେ ସୂଚନା ଦେଇଥିଲେ। ଗ୍ୟାଙ୍ଗରେ ଆଉ କିଏ ଅଛନ୍ତି, ଶୁଆ ଚାଲାଣ ରାକେଟ୍‌ର ଚେର କେତେ ବାଟ ଲମ୍ବିଛି ସେ ସଂପର୍କରେ ବନବିଭାଗ ସ୍ୱତନ୍ତ୍ର ଟିମ୍ ଖୋଳତାଡ଼ କରୁଛି। ଉଲ୍ଲେଖଯୋଗ୍ୟ, ଗତ ଜାନୁଆରି ୨୩ରେ ରାକେଟ୍‌ର ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ୮୨ଟି ଶୁଆଶାବକ ଉଦ୍ଧାର ହୋଇଥିଲେ। ଏଥିରୁ ୧୦ଟି ଶୁଆଶାବକ କଟକ ଚାଲାଣ କରୁଥିବାବେଳେ ଆଇଜି ପାର୍କ ନିକଟରେ ବନବିଭାଗ କର୍ମଚାରୀ ମାଡ଼ି ବସିଥିଲେ। ଗିରଫ ଦୁହିଁଙ୍କ ମଧ୍ୟରୁ ବନ୍ଧମୁଣ୍ଡାରେ ମୁନ୍ନା ସାହୁ ନିଜ ନାବାଳକ ସହଯୋଗୀ ସହ ମିଶି ବିଶ୍ରା ଓ ଆଖପାଖ ସ୍ଥାନୀୟ ଲୋକଙ୍କ ସହାୟତାରେ ଶୁଆ ଶାବକଗୁଡ଼ିକୁ ଧରୁଥିଲା। ଗତ ୨୧ ତାରିଖ ସଂଧ୍ୟାରେ ମୁନ୍ନା ଓ ତା'ର ସହଯୋଗୀ ମୋଟର ସାଇକଲ୍‌ରେ ୧୦ଟି ଶୁଆ ଶାବକ କଟକ ପଠାଇବାକୁ ସେକ୍ଟର-୨ ବସ୍‌ଷ୍ଟାଣ୍ଡକୁ ଯିବାବେଳେ ବନବିଭାଗ ହାତରେ ଧରା ପଡ଼ିଥିଲେ। ସେମାନଙ୍କ ଭଡ଼ାଘରୁ ଆଉ ୭୨ଟି ଶୁଆ ଉଦ୍ଧାର ହୋଇଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାରେ ଲୋକେ ହେଉଛନ୍ତି ହୀନସ୍ତା

ମୁଖୀଗୁଡା, ୦୨/୨ (ନି,ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ କପୁରମାଳ ଠାରୁ କୁହୁରୀଗୁମା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାରୁ ପିଚୁ ଖୋଲି ଦେଇ ଦେଇ ଛାଡି ଦେଇ ଥିବାରୁ ରାସ୍ତା ରେ ଯିବାଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଗତଏକ ମାସ ତଳେଏହି ରାସ୍ତାର ପିଚୁକୁ ଜେସିବି ସାହାଯ୍ୟରେ ଖୋଲି ଦେଇ ସେହି ପିଚୁଥିବା ମେଟାଲକୁ ରାସ୍ତାରେ ଛାଡି ଦିଆଯାଇଛି । ଯାହା ଫଳରେ ଏହି ରାସ୍ତାରେ ସାଇକେଲ କିମ୍ବା ମୋଟରସାଇକେଲରେ ଯିବା କଷ୍ଟ ହେଉଛି । ବିଭିନ୍ନ ସମୟରେ ଛୋଟ ମୋଟ ଦୁର୍ଘଟଣା ଘଟୁଛି । ରାସ୍ତା ମରାମତି ସମ୍ପର୍କରେ କୌଣସି ସୂଚନା ଫଳକ ଦିଆଯାଇ ନାହିଁ। ଏ ସମ୍ପର୍କରେ ବିଭାଗୀୟ ଏସଡ଼ିଓଙ୍କୁ ପଚାରିଲେ ତାଙ୍କ ପାଖରେ କୌଣସି ତଥ୍ୟ ନଥିବା କହୁଥିବା ବେଳେ ଜେଇ ଫୋନ ଉଠାଉ ନାହାନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଉଛି । ତେବେ ଲୋକଙ୍କୁ ହୀନସ୍ତା କରିବାକୁ ଏହି ରାସ୍ତା ମରାମତି କାର୍ଯ୍ୟ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଯଥା ଶୀଘ୍ର ରାସ୍ତା ମରାମତି କାର୍ଯ୍ୟ ଶେଷ ନକଲେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ନିଷ୍ପତି ନେଇଛନ୍ତି।

## ନୂତନ ଜିଲ୍ଲାପାଳଙ୍କୁ ଭେଟିଲେ ଜିଲ୍ଲାର ବରିଷ୍ଠ ନାଗରିକ

କେନ୍ଦ୍ରାପଡ଼ା, ୦୨/୨ (ନି,ପ୍ର): କେନ୍ଦ୍ରାପଡାରେ ନୂତନ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଜିଲ୍ଲାର ବରିଷ୍ଠ ନାଗରିକ ମାନେ ଭେଟିଥିବା ଜଣାପଡିଛି । ଗୁରୁବାର ଅପରାହ୍ନରେ ବରିଷ୍ଠ ନାଗରିକ ଡାକ୍ତର ବିଶ୍ୱ ପ୍ରକାଶ କାନୁନଗୋଙ୍କ ନେତୃତ୍ୱରେ ଆଇନଜୀବି ଅଣୀୟ କୁମାର ମହାନ୍ତି, ବୈଷ୍ଣବ ଚରଣ ପ୍ରଧାନ, ପ୍ରହଲ୍ଲାଦ ମଲ୍ଲ, କୈଳାସ ଚନ୍ଦ୍ର ସ୍ୱାଇଁ, ଫକୀର ଚରଣ ଖଟୁଆ, ଅକ୍ଷୟ କୁମାର ନାୟକ ପ୍ରମୁଖ ଜିଲ୍ଲାପାଳ ଶ୍ରୀ ବିକାଶଙ୍କ ସହିତ ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କ ପରିଚୟ ପତ୍ର ଓ ଅନ୍ୟାନ୍ୟ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଜିଲ୍ଲାର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ନୂଆ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୦୨/୨ (ନି,ପ୍ର): ତୁଳସୀ ମହିଳା ମହା ବିଦ୍ୟାଳୟରେ ନୂଆ ଓଡିଶା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । କଲେଜର ଅଧକ୍ଷା ଡ଼ଃ ପ୍ରମିଳାରାଣୀ ବେହେରାଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଆ ବିଭାଗର ପ୍ରାକ୍ତନ ମୁଖ୍ୟ ଡ଼ଃ ଅପର୍ଣ୍ଣା ମହାନ୍ତି ମୁଖ୍ୟଅତିଥି ଏବଂ ଯୋରନ୍ଦା ମହା ବିଦ୍ୟାଳୟର ଅବସର ପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ଼ଃ ତନ୍ମୟ କବି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଡ଼ଃ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପିକା ଡ଼ଃ ଏଲୋରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ଃ ମଥୁରୀ ଚରଣ ନାୟକ ପ୍ରତିଯୋଗିତା ର ବିବରଣୀ ପାଠ କରିଥିଲେ । ପ୍ରଫେସର ରଞ୍ଜିତ ରଞ୍ଜନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଫଳତା ବିଷୟରେ ବକ୍ତବ୍ୟ ରଖିଥିଲେ।

# ରତ୍ନାକର ଟାଉନ ହାଇସ୍କୁଲର ୩୭ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ

ନୀଳଗିରି , ୨/୨ (ନି.ପ୍ର): ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ହାଇସ୍କୁଲର ୩୭ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଇଂ ଦୀପ୍ତିକାନ୍ତ ମହାପାତ୍ର ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ନୀଳଗିରି ଏନଏସି ଅଧ୍ୟକ୍ଷା ଶ୍ରୀମତୀ ଅମ୍ବିକା ଦାସ ଯୋଗଦେଇଥିଲେ । ବରେଣ୍ୟ ଅତିଥିଭାବେ ଏନଏସି ଉପାଧ୍ୟକ୍ଷ ମହେନ୍ଦ୍ରନାଥ ବେହେରା , ମୁଖ୍ୟବକ୍ତା ଭାବେ ନୀଳଗିରି ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲମ୍ବୋଦର ସିଂ, ସମ୍ମାନୀତ ଅତିଥି ଭାବେ ନୀଳଗିରି ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ମିଶ୍ର, ପରିଚାଳନା ସମିତି ସଦସ୍ୟା ମିନତୀ ଉପାଧ୍ୟାୟ, ସୁଜାତା ଷଡ଼ଙ୍ଗୀ, ବିଦ୍ୟାଳୟ ଉନ୍ନୟନ ପରିଚାଳନା ସମିତି ସଦସ୍ୟା ବାସନ୍ତୀ ସେଠୀ, ଆଲୁମିନି ଛାତ୍ର ସତ୍ୟନାରାୟଣ ମହାପାତ୍ର ଯୋଗ ଦେଇଦେଇ ନିଜ ନିଜର ବହୁମୂଲ୍ୟ ଅନୁଭବ ଉପଲବ୍ଧି ଓ ଆବେଗକୁ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ସ୍ୱାଗତ ଅଭିଭାଷଣରେ ଦୀର୍ଘ ୩୮ ବର୍ଷର କଷ୍ଟଲବ୍ଧ ଓ ସଂଘର୍ଷପୂର୍ଣ୍ଣ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ । ମୁଖ୍ୟମନ୍ତ୍ରୀ ପୁରସ୍କାର ଯୋଜନାରେ ଉକ୍ତ ବିଦ୍ୟାଳୟ ଚଳିତବର୍ଷ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ଆଲୁମିନି ପୁରସ୍କାର ପାଇଥିବାରୁ ରାଜ୍ୟ ସରକାରଙ୍କୁ ବିଦ୍ୟାଳୟର ଆଲୁମିନି ତରଫରୁ ଧନ୍ୟବାଦ ଦିଆଯାଇଥିଲା । ପରେ



ଉକ୍ତ ପୁରସ୍କାର ବିତରଣ ଉତ୍ସବରେ କଳା, ନାଟକ, ବିଜ୍ଞାନ, ଚିତ୍ରକଳା ନୃତ୍ୟ ତଥା ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ପ୍ରତିଭାବାନ ଛାତ୍ରଛାତ୍ରୀ ମାନଙ୍କୁ କିଛି ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଚିନ୍ତ୍ୟ କୁମାର ଦାସ, ତପସ୍ୱିନୀ ବେହେରା, ଅର୍ଚ୍ଚନା ପ୍ରଧାନ, ଦାମୋଦର ପଣ୍ଡା, ସରସ୍ୱତୀ ଉପ୍ରା ବିଦ୍ୟାଳୟର ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ, ମାନସୀ ସାହୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ରଣଜିତ୍ କୁମାର ବେହେରା ମଞ୍ଚପରିଚଳନା କରିଥିଲେ । ଉଭୟ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ନିଗମ ଝୋଟ ନ କିଣିବା ପ୍ରତିବାଦରେ ଚାଷୀଙ୍କ ଅନଶନ



ବାଲିଆପାଳ, ୨/୨ (ନି.ପ୍ର): ସନ୍ନ୍ୟାସୀ ବେହେରା ସାମ୍ବାଦିକ ବାଲିଆପାଳ ୨/୨/୨୪ ନି ପ୍ର ) ଭାରତୀୟ ଝୋଟ ନିଗମ ଝୋଟ ନ କିଣିବା ପ୍ରତିବାଦ ରେ ଆଜି ଚାଷୀ ମାନେ ବ୍ଲକ ସାମ୍ନା ରେ ଧାରଣା ଅନଶନରେ ବସି ଥିଲେ । ଏନେଇ ସେମାନେ ଗତ କାଲି ତହସିଲଦାର ଜନକ କୁମାର ନାୟକ ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ନିଗମ ବାରମ୍ବାର ପ୍ରତିଶ୍ରୁତି ଦେଇ ଏବେ ଚାଷୀଙ୍କୁ ନିରାଶ କରିଥିବା ପ୍ରକାଶ ।ଚାଷୀମାନେ ଜିଲ୍ଲାପାଳ ଙ୍କୁ ମଧ୍ୟ ଅବଗତ କରାଇଥିଲେ । ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କୁ ନିଗମ ମାନୁ ନ ଥିବା ଚାଷୀମାନେ କହିଛନ୍ତି ।ନିଗମ ର ପ୍ରତିଶ୍ରୁତି ପରେ ଚାଷୀମାନେ ଏଠାରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିଥିଲେ ।ବୁଧବାର ଝୋଟ କ୍ରୟ ହେବାର ଥିଲା । ମାତ୍ର ନିଗମ ନୀରବ ରହିବା ଚାଷୀଙ୍କୁ ବିସ୍ମିତ କରିଛି ।ଅରବିନ୍ଦ ବେହେରା ,ମନ୍ମଥ କୁମାର ପାତ୍ର, ସୁଦାମ କୁମାର ଦାସ ,ସଞ୍ଜୟ କୁମାର ଧଳ , ବିକାଶ ଚନ୍ଦ୍ର ଗିରି ,ଗୌରବ ଅଣ୍ଡିଆ , କ୍ଷିତିଶ ଚନ୍ଦ୍ର ଜେନା , ସୁଶାନ୍ତ କୁମାର ନାୟକ , ମନ୍ମଥ କୁମାର ଦାସ, ବସନ୍ତ କୁମାର ବାରିକ ,ଖଗେନ୍ଦ୍ର କୁମାର ବାରିକ,ମନ୍ମଥ କୁମାର ନାୟକ,ରତ୍ନାକର ଦାସ , ଗୋପାଳ ମହାଳିକ ,ନିତ୍ୟାନନ୍ଦ ସାହୁ ,ଯତୀନ୍ଦ୍ର ନାଥ ବାରିକ ,ସୁଧାଂଶୁ ଶେଖର ଧଳ ପ୍ରମୁଖ ଶତାଧିକ ଚାଷୀ ପ୍ରତୀକ ଭାବେ ଧାରଣା ଦେଇଥିଲେ । ତେବେ ଆଗାମୀ ଦିନରେ ଏହାକୁ କେନ୍ଦ୍ର କରି ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ପ୍ରଶାସନ କୁ ଚେତାବନୀ ଦେଇଛନ୍ତି ।

# ଡିଏଚଏଚରେ ଖୋଲିଲା ମୁକ୍ତ ଡାଇଲିସିସ କେନ୍ଦ୍ର

ଖୋର୍ଦ୍ଧା, ୨/୨ (ନି.ପ୍ର): ଗୁରୁବାର ଅପରାହ୍ନ ସାଢେ ୪ଟାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସି ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ୫ଶଯ୍ୟା ବିଶିଷ୍ଟ ଫ୍ରି ଡାଇଲାସିସ ସେଂଟର ଉଦଘାଟିତ ହୋଇଛି । ଖୋର୍ଦ୍ଧା ମେଡିକାଲରେ ଉଦଘାଟନୀ ଉତ୍ସବରେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଅନ୍ୟତମ ଅତିଥିଭାବେ ଜିଲ୍ଲାପାଳ




ଚଂଚଳ ରାଣା, ସିଡିଏମଓ ଡା. ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ୫ଶଯ୍ୟା ବିଶିଷ୍ଟ ଏହି କେନ୍ଦ୍ରରେ ଦିନକୁ ୧୫ଜଣ ରୋଗୀ ଚିକିତ୍ସା ପାଇପାରିବେ । ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ, ଡାଇଲାସିସି ସେଂଟରରେ ନିଯୁକ୍ତି ପାଇଥିବା କର୍ମଚାରୀ ଉପସ୍ଥିତ ଥିଲେ ।

# ପ୍ରାକ୍ତନ ସଂପାଦକ ସ୍ୱର୍ଗତ ଡଃ ରାଜକିଶୋର ଜେନାଙ୍କର ସ୍ମୃତିଚାରଣ ସଭା




ଭଦ୍ରକ, ୨/୨ (ନି.ପ୍ର): ଭଦ୍ରକ ସାହିତ୍ୟ ପରିଷଦର ପ୍ରାକ୍ତନ ସଂପାଦକ ସ୍ୱର୍ଗତ ରାଜକିଶୋର ଜେନାଙ୍କ ମହାପ୍ରୟାଣ ହୋଇଯାଇଛି । ସେ ଏକାଧାରରେ ଜଣେ ସୁଯୋଗ୍ୟ ଅଧ୍ୟାପକ, ପ୍ରାବନ୍ଧିକ, ସୁସଂଗଠକ ତଥା ସ୍ନେହପ୍ରବଣ ବ୍ୟକ୍ତିଥିଲେ । ଭଦ୍ରକ ସାହିତ୍ୟ ପରିଷଦ, ଭଦ୍ରକ ତରଫରୁ ଆଜି ସାବିତ୍ରୀ ସଦନ,ଭଦ୍ରକ ସାବନ ବଜାରଠାରେ ତାଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯିବା ପରେ ଡଃ ରାଧାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇଥିଲା । କେନ୍ଦ୍ରାପଡ଼ାରେ ଜନ୍ମିତ ଏହି ମହାନ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ସାହିତ୍ୟକୁ ଅବଦାନ ଅବିସ୍ମରଣୀୟ ବୋଲି ଉପସ୍ଥିତ ଡଃ ଗୋଲକ ବିହାରୀ ସାହୁ, ଡଃ ପ୍ରଭାତ ନଳିନୀ ମହାପାତ୍ର,ଡଃ ଅବନୀ ପ୍ରଧାନ,ଶ୍ରୀମତୀ ଗୀତାରାଣୀ ଆଇଚ,ଶ୍ରୀଯୁକ୍ତ ଶାନ୍ତନୁ କୁମାର ରାଉତ,ଅଧ୍ୟାପିକା ଭାନୁମତୀ ମାଟିଆ କବି ରମେଶ ଚନ୍ଦ୍ର ଦାସ,କବି ବାବୁଲାଲ ଦାସ, ନାଟ୍ୟଶ୍ରୀ ନିର୍ମଳ ରାଉତ,ଦିପ୍ତିମୟୀ ସାହୁ,କବି ବିପ୍ଳବ ହୋତା,ମୁକ୍ତିକାନ୍ତ ମଲ୍ଲିକ,ଗୌରାଙ୍ଗ ଚନ୍ଦ୍ର ବାରିକ ପ୍ରମୁଖ ସାହିତ୍ୟ ପରିଷଦର ସଦସ୍ୟ/ସଦସ୍ୟାଗଣ ସ୍ୱର୍ଗତ ଜେନାଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିବା ସହିତ ଭଦ୍ରକ ସାହିତ୍ୟ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ । ପରିଷଦର ସଂପାଦକ ବିଜୟ ବହଳୀ ଏହାକୁ ସଂଚାଳନ କରିଥିଲେ ।

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦୁସ୍ଥ ଅସହାୟ ବୟସ୍କ ବ୍ୟକ୍ତିଙ୍କୁ ନୂତନ ବସ୍ତ୍ର ଓ କମ୍ବଳ ବଣ୍ଟନ

ବାଲେଶ୍ୱର, ୨/୨ (ନି.ପ୍ର): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସହଦେବଖୁଣ୍ଟାସ୍ଥିତ 'ଅମୃତଧାରା ବୃଦ୍ଧାଶ୍ରମ' ଓ ବାଲିଆସ୍ଥିତ 'କପିଳମୁନି ବୃଦ୍ଧାଶ୍ରମ'ର ଅନ୍ତେବାସୀମାନଙ୍କୁ ନୂତନ ବସ୍ତ୍ର ଓ ଶୁଖିଲା ଖାଦ୍ୟସାମଗ୍ରୀ ବଣ୍ଟନ କରାଯାଇଛି । ବର୍ତ୍ତମାନର ସାମାଜିକ ବ୍ୟବସ୍ଥାରେ ନିଜ ପରିବାରରୁ ନିର୍ଯ୍ୟାତିତ ବୟସ୍କ ବ୍ୟକ୍ତିମାନେ ଏହିସବୁ ବୃଦ୍ଧାଶ୍ରମରେ ଆଶ୍ରୟ ନେଇଛନ୍ତି । କେତେକ ମାନବବାଦୀ ଦରଦୀ ବ୍ୟକ୍ତି ସେମାନଙ୍କ ଆର୍ଥିକ ଅନୁଦାନରେ ଏହି ବୃଦ୍ଧାଶ୍ରମମାନଙ୍କୁ ପରିଚାଳିତ କରୁଛନ୍ତି । ତେଣୁ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉକ୍ତ ନିରାଶ୍ରୟ ବୃଦ୍ଧ ବୃଦ୍ଧାମାନଙ୍କୁ କର୍ମକର୍ତ୍ତାମାନେ ପୁରୁଷମାନଙ୍କୁ ଲୁଙ୍ଗି, ଧୋତି, ଗଂଜି ଓ ମହିଳାମାନଙ୍କୁ ଶାଢ଼ୀ ପ୍ରଭୃତି ବଣ୍ଟନ କରିଛନ୍ତି । ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଂପାଦକ ଦାମୋଦର ନାୟକଙ୍କ ସମେତ କମଳାକାନ୍ତ ବେହେରା, ଅନ୍ତର୍ଯ୍ୟାମୀ ପ୍ରଧାନ, ଲକ୍ଷ୍ମୀନାରାୟଣ ଘୋଷ, ମାନସୀ ଘୋଷ, ଗୌରାଙ୍ଗ ପାଣିଗ୍ରାହୀ, ସରସ୍ୱତୀ ପଣ୍ଡା ଓ ସିଭିଲ୍ ସୋସାଇଟିର ସଂପାଦକ ମନୋଜ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସେହପରି ଭୋଗରାଇ ବ୍ଲକ୍‌ର ରସଲପୁର ଗ୍ରାମରେ ଦୁସ୍ଥ ପରିବାରର ବୟସ୍କ ବ୍ୟକ୍ତିମାନଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଭୃତି ମଞ୍ଚ ପକ୍ଷରୁ ଗତ ରବିବାର ଦିନ ବଣ୍ଟନ କରାଯାଇଥିଲା ।

# ଉଦଳା ରାଜନୀତି ପାଣିପାଗ: ଲୋକ ପ୍ରସଙ୍ଗର ସବୁଠୁ ଆଗରେ ଅଛନ୍ତି ଉଚ୍ଚ ଶିକ୍ଷିତ ବ୍ୟକ୍ତି

ଉଦଳା, ୨/୨ (ନି.ପ୍ର): ନିର୍ବାଚନ ପାଖେଇ ଆସୁଥିବା ବେଳେ ଉଦଳା ରାଜନୀତି ପାଣିପାଗ ସେହି ପରିମାଣରେ ଘନିଭୂତ ହେବାରେ ଲାଗିଛି । ଉଦଳା ଆସନରୁ ବିଧାୟକ ପ୍ରାର୍ଥୀ ଭାବରେ କିଏ କେଉଁ ଦଳରୁ ଟିକଟ ପାଇବେ ତାହା ଯେତିକି ଜରୁରୀ ନୁହେଁ, ପ୍ରାର୍ଥି ଜଣକ କେତେ ପାଠ ପଢ଼ିଛନ୍ତି ତାହା ଭୋଟର ମାନେ ଜାଣିବାକୁ ଚାହୁଁଛନ୍ତି । ମୋଟାମୋଟି ଭାବରେ ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କୁ ଲୋକେ ଭୋଟ ଦେବା ପାଇଁ ପସନ୍ଦ କରୁଥିବାର ଜଣାଯାଇଛି । ଏଥର ଉଦଳା ଆସନରୁ ବିଧାୟକ ପ୍ରାର୍ଥି ହେବା ପାଇଁ ଡ଼ାକ୍ତର, ଇଂଜିନିୟର, ପ୍ରଫେସର, ଓକିଲ ଇତ୍ୟାଦି ଆସାୟୀଙ୍କର ଭିଡ଼ଜମୁଥିବାର ଦେଖା ଯାଉଛି । ବିଭିନ୍ନ ପାର୍ଟି ତରଫରୁ ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କୁ ଟିକଟ ଦେବା କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଉଥିବାର କଥା ମଧ୍ୟ ଚର୍ଚ୍ଚାର ପରିସରକୁ ଆସୁଛି । ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କୁ ଭୋଟ ଦେଇ ଜିତାଇଲେ ଆମ ନିର୍ବାଚନ ମଣ୍ଡଳୀର ସମ୍ମାନ ବଢ଼ିବ ବୋଲି କେତେକ ମତ ଦେଇଛନ୍ତି । ତାହାଛଡ଼ା ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଓ ଦରପାଠୁଆଙ୍କ ମଧ୍ୟରେ ବହୁ ପାର୍ଥକ୍ୟ ପରିଲକ୍ଷିତ ହୁଏ ବୋଲି ଜ୍ଞାନି ଗୁଣୀ ଲୋକେ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

# ୩ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ବାଲେଶ୍ୱର, ୨/୨ (ନି.ପ୍ର): ଓଡ଼ିଶାର ମୌଡ଼ମଣୀ ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ଏହି ବାଣୀକୁ ସାକାର କରି ପାରିଛି ଆମ ଛାନୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ଇନ୍ଦ୍ରଜିତ ପାତ୍ର, ଓଡ଼ିଆ ଶିକ୍ଷକ ଶ୍ରୀଯୁକ୍ତ ବେଣୁଧର ସେଠୀ ଓ ଗଣିତ ଶିକ୍ଷକ ଶ୍ରୀଯୁକ୍ତ ଗୌରହରୀ ଜେନା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ଆମ ସ୍କୁଲ ଗୌରବ ଆଣିଥିବାରୁ ସ୍କୁଲ ତଥା ଏ ଅଞ୍ଚଳରେ ଆନନ୍ଦର ଲହରି ଖେଳି ଯାଇଛି । ଏହା ସାଙ୍ଗକୁ ଆମ ସ୍କୁଲର ଛାତ୍ରୀ ଶ୍ରାବଣୀ ମଣ୍ଡଳ ବାର୍ଷିକ ପରୀକ୍ଷାରେ ଶତକଡ଼ା ୯୦ରୁ ଅଧିକ ମାର୍କ



ରଖି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ଫାଇଭ୍-ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣର କାର୍ଯ୍ୟକ୍ରମ ଅଧିନରେ ଛାନୁଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଛାନୁଆର ସଫଳତାରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଭୁତି ଭୂଷଣ ନାୟକ ସାର ତଥା ଶିକ୍ଷକ, ଶିକ୍ଷିକା ଓ ଶିକ୍ଷା କର୍ମଚାରୀ ବିନ୍ଧାଣୀ ସାଜିଥିଲେ । ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଖଇରବଣି ଆଶ୍ରମ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପୁରସ୍କାର

ବେତନଟୀ , ୨/୨ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ଖଇରବଣି ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ, ସହକାରୀ ଶିକ୍ଷୟତ୍ରୀ ଓ ବଡ଼ ପରୀକ୍ଷା ରେ ସର୍ବାଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଛି । ଓଡ଼ିଶା ସରକାରଙ୍କ ମୋ ସ୍କୁଲ ଅଭିଯାନ ଆନୁକୁଲ୍ୟରେ ଗତ ଜାନୁଆରୀ ୨୧ ତାରିଖ ଦିନ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏକ ପୁରସ୍କାର ବିବରଣୀ ଉତ୍ସବ ରେ ପୁରସ୍କୃତ କରାଯାଇଛି । ଜିଲ୍ଲା ସ୍ତରୀୟ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ଖଇର୍ବଣି ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ବିନିତା ଦାଶ ଙ୍କୁ ଶ୍ରେଷ୍ଠ ପ୍ରଧାନ ଶିକ୍ଷୟତ୍ରୀ ପୁରସ୍କାର ଭାବରେ ସମ୍ମାନୀତ କରାଯାଇଛି । ଏହି ଉତ୍ସବ ରେ ଆଶ୍ରମ ବିଦ୍ୟାଳୟ କୁ ତିନି ଲକ୍ଷ ଟଙ୍କା ଓ ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ୨୫ ହଜାର ଟଙ୍କା ପ୍ରଦାନ



କରାଯିବ ବୋଲି ଜଣାପଡିଛି । ଏହି ଖବର ପାଇବା ପରେ ବିଦ୍ୟାଳୟ ର ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଖୁସି ର ଲହରୀ ଖେଳିଯାଇଛି ।

# ଦଣ୍ଡିକା ଗ୍ରାମରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ

ମଥାନି , ୨/୨ (ନି.ପ୍ର): ଦଣ୍ଡିକା ଗ୍ରାମ ନିବାସୀ ଆତ୍ମଜ୍ଞାନୀ ଯୋଗୀ ସୃଷ୍ଟିଧର ନାୟକଙ୍କ ବାସ ଭବନରେ,ତାଙ୍କ ନାତି ତଥା ମୁନି ଅଜିତ୍ କୁମାର ନାୟକ-ମୁନିମତୀ ତରୁଲତା ନାୟକଙ୍କ ସୁପୁତ୍ର ଆୟୁଷ୍ମାନ୍ ଜ୍ଞାନଜିତ୍ ର ପ୍ରଥମ ଶୁଭ ଜନ୍ମଦିନ,ମୁନି ସମାଜର ଜ୍ୟୋତି,ଜିଲ୍ଲା ସମ୍ପାଦକ,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ,ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ ଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି ।ଅତିଥି ହିସାବରେ ଯୋଗଦାନ କରିଥିଲେ,ପ୍ରାନ୍ତୀୟ ସହ ସମ୍ପାଦକ, ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ।ବକ୍ତା ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ।, ଆତ୍ମଜ୍ଞାନୀ ଯୋଗୀ ଜୟକୃଷ୍ଣ ମୁନିଜୀ



ମହୋଦୟ ,ସବ୍ ଜୋନ୍ ସଙ୍ଗଠକ ମୁନିରାଜ ଅମୂଲ୍ୟ ମୁନି ଜୀ ମହୋଦୟ,ମୁନି ବିଷ୍ଣୁ ଜେନା ପ୍ରମୁଖ ।ଉପସ୍ଥିତ ଥିଲେ,ଜେଜେ ବାବାଙ୍କ ସହିତ ଜେଜେମା ମୁନିମତୀ ରୁକ୍ମଣୀ ନାୟକ,କକା ମୁନି ଅଶୋକ କୁମାର ନାୟକ,ଦିଦି ମୁନି କୁମାରୀ ଯସ୍ମିନ୍ ନାୟକ ପ୍ରମୁଖ ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ଆୟୁଷ୍ମାନ୍ ଜ୍ଞାନଜିତ୍ ଙ୍କୁ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ବିଶ୍ୱରେ ଜଣେ ଆଦର୍ଶ ମଣିଷ ହବାର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା ।ଜଣେ ଆଦର୍ଶ ମଣିଷ ସୃଷ୍ଟି କରିବା ପାଇଁ ପିତା ମାତାଙ୍କର ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ବକ୍ତବ୍ୟରେ ମତପ୍ରକାଶ କରିଥିଲେ ।ଏ ପରିବାର ମୁନିର ପରିବାର ହୋଇ ଥିବାରୁ ଏହା ନିଶ୍ଚୟ ସମ୍ଭବପର ହେବ ବୋଲି ବକ୍ତାମାନେ ବକ୍ତବ୍ୟରେ ଦୃଢ଼ ମତପ୍ରକାଶ କରିଥିଲେ ।ମୁନି ପରିବାର ହୋଇଥିବାରୁ,କକା ଅସମ୍ଭବକୁ ସମ୍ଭବ କରି ପାରିଛନ୍ତି- ଏହା ଚାକ୍ଷୁଷ ପ୍ରମାଣିତ ।ପ୍ରତିଦିନ ମୁନି ସମାଜର ଯୋଗ ସାଧନ କରି ଚାଲିଲେ, ଦିନେ ଜଣେ ନିଶ୍ଚୟ ଆତ୍ମ ଦର୍ଶନ କରିବା ସହିତ,ଅସମ୍ଭବକୁ ନିଶ୍ଚୟ ସମ୍ଭବ କରି ପାରିବ ।ଶେଷରେ ଜେଜେ ଯୋଗୀ ସୃଷ୍ଟିଧର ନାୟକ, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ଆଧାର କାର୍ଡ଼ ନାହିଁ ବୋଲି ନେଲେ ନାହିଁ ଆଡ଼ମିସନ: ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ରାଇସେନ'

ଉଦଳା, ୨/୨ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ନୟାରଗାମାଟିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦାକ୍ଷିନ ହେମ୍ବ୍ରମ ଓ ମାତା ପାର୍ବତୀ ହେମ୍ବ୍ରମଙ୍କ ପୁତ୍ର 'ରାଇସେନ' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି ରାଇସେନ ଗ୍ରାମ ନିକଟରେ ଥିବା ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ପରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ସେ ପ୍ରଥମେ ପାଟଶାଣୀପୁର ଓ ପରେ ଶ୍ରୀଦାମଚନ୍ଦ୍ରପୁରକୁ ଯାଇଥିଲେ । କିନ୍ତୁ ୨ଟି ଯାକ ସ୍ଥାନରେ କାର୍ଯ୍ୟରତ ଶିକ୍ଷକ ଆଧାରକାର୍ଡ଼ ନହେଲେ ଆମେ ବିଦ୍ୟାଳୟରେ ନାମ ଲେଖାଇବୁ



ନାହିଁ ବୋଲି ରୋକ ଠୋକ ମନା କରି ବିଦା କରିଦେଲେ । ଫଳରେ ରାଇସେନ ବାଧ ହୋଇ ପାଠ ପଢ଼ଶରେ ଡ଼ୋରି ବାନ୍ଧିଲେ । ରାଇସେନକୁ ବର୍ତମାନ ବୟସ ୧୨ ବର୍ଷ ଛୁଇଁଲା । ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ଏବଂ ବିଦ୍ୟାଳୟରେ ନାମ ଲେଖା କ୍ଷେତ୍ରରେ ଆଧାର ବାଧ୍ୟତାମୂଳକ ନୁହେଁ । ଅଥଚ ରାଇସେନଙ୍କ ପରି ୧୨ ବର୍ଷ ବୟସର ପିଲାଙ୍କୁ ସରକାରୀ ବିଦ୍ୟାଳୟ ନାମ ନଲେଖାଇ ଫେରାଇଦେବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି । ସରକାରଙ୍କ ଘୋଷଣାଯେ ଏକ ପ୍ରହସନ ତାହା ବହୁ ଲୋକଙ୍କ ମୁଖରୁ ଶୁଣିବାକୁ ମିଳୁଛି । ସେହିପରି ଅଧାରକାର୍ଡ଼ ନଥିବା ଯୋଗୁଁ ପରିବାରକୁ ମିଳିଥିବା ରାସନକାର୍ଡ଼ରେ ରାଇସେନଙ୍କ ନାମ ଯୋଡ଼ାଯାଇପାରୁ ନାହିଁ । ଫଳରେ ଖାଦ୍ୟ ଯୋଜନାରେ ମୁଣ୍ଡପିଛା ମଞ୍ଜୁରଥିବା ୫ କିଗ୍ରା ଚାଉଳ ପାଇବାରୁ ମଧ୍ୟ ରାଇସେନ ବଂଚିତ ଅଛନ୍ତି । ଏଥିପ୍ରତି କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବୀ ରୁପାଏ ବାସ୍କେ ଓ ରାମଚନ୍ଦ୍ର ସିଂ ଦାବି ଜଣାଇଛନ୍ତି ।

# ପଶ୍ଚିମବଙ୍ଗର ଦୁଇଟି ଜିଲ୍ଲାରେ ରାହୁଲ ଗାନ୍ଧିଙ୍କ ଯାତ୍ରାକୁ ମିଳିଲାନି ଅନୁମତି

କୋଲକାତା, ୨/୨: ବୀରଭୂମି ଜିଲ୍ଲା ପୋଲିସ ଶୁକ୍ରବାର ହେବାକୁ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରା ରାଲିକୁ ଅନୁମତି ଦେବାକୁ ମନା କରିଦେଇଛନ୍ତି । ରାଲି ଆୟୋଜନ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଛି । ବୀରଭୂମି ଜିଲ୍ଲା ପୋଲିସ ଅଧୀକ୍ଷକ କାର୍ଯ୍ୟାଳୟ ମୁତାବକ, ଶୁକ୍ରବାରରୁ ଆରମ୍ଭ ହେବାକୁ ଥିବା ପଶ୍ଚିମବଙ୍ଗ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ ଦ୍ୱାରା ଆୟୋଜିତ ମାଧ୍ୟମିକ ପରୀକ୍ଷାକୁ ଦୃଷ୍ଟିରେ ରଖି ରାଲି ପାଇଁ ଅନୁମତି ଦେବାକୁ ମନା କରିଦିଆଯାଇଛି । ମୁର୍ସିଦାବାଦ ଜିଲ୍ଲାରେ ଶୁକ୍ରବାର ହେବାକୁ ଥିବା ରାଲିକୁ ଏହି ଆଧାରରେ ପୋଲିସ ଅନୁମତି ଦିଆଯାଇନାହିଁ । ଏହି ରାଲି ରାଜ୍ୟରେ ଭାରତ ଯୋଡୋ ନ୍ୟାୟ ଯାତ୍ରା ଆଧାରରେ ଶେଷ କାର୍ଯ୍ୟ ଆୟୋଜନ କରିବାକୁ ଯାଉଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଶିମିଳିପାଳ ସୁରକ୍ଷାମେଳା ଉଦ୍‌ଘାଟିତ




ବାରିପଦା , ୨/୨ (ନି.ପ୍ର): ଶାମାଖୁଂଟା ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମପଂଚାୟତ ଅନ୍ତର୍ଗତ ସପନଚୁଆ ଗ୍ରାମର ଭାଇବନ୍ଧୁ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ବର୍ଷ ଶିମିଳିପାଳ ସୁରକ୍ଷା ମେଳା ମୁଖ୍ୟ ଅତିଥୀ ଭାବେ ଭାରତ ମୁଣ୍ଡା ସମାଜ ଓଡିଶା ପ୍ରଦେଶର ସଭାପତି ରବୀନ୍ଦ୍ରନାଥ ସିଂହଙ୍କ ଦ୍ୱାରା ଉଦ ଘାଟନ ହୋଇଯାଇଛି । ଏହି ମେଳା ମାଧ୍ୟମରେ ଶିମିଳିପାଳ ଜୈବମଣ୍ଡଳର ସୁରକ୍ଷା ପାଇଁ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ମେଳା ୨୦୨୩ ମସିହାରୁ ଆରମ୍ଭ କରାଯାଇଛି । ଶିମିଳିପାଳ ପାଦଦେଶରେ ରହୁଥିବା ଅନେକ ଯୁବକ ଯୁବତୀ ଏହି ମେଳାରେ ଯୋଗ ଦେଇଥିଲେ। ମୁଣ୍ଡା ସମାଜର ନୃତ୍ୟ ଦଳ ମାନଙ୍କୁ ମଧ୍ୟ ମେଳାରେ ନିମନ୍ତ୍ରଣ କରାଯାଇଥିଲା ମୁଖ୍ୟ ଅତିଥୀ ଶ୍ରୀ ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଶିମିଳିପାଳ ଅଭୟାରଣ୍ୟ ଗଛଲତା ଉଦ୍ଭିଦ ଓ ଜୀବଜନ୍ତୁ ଦୁର୍ଲଭ ଔଷଧରେ ଭରପୁର । ଶିମିଳିପାଳ ଆମ ଉତର ଓଡିଶାର ଅନାବୃଷ୍ଟିକୁ ଦୂର କରିଥାଏ ଏବଂ ବୁଢାବଳଙ୍ଗ ଓ ତାର ଶାଖା ନଦୀମାନଙ୍କର ଜୀବନ ରେଖା କହିଲେ କିଛି ଭୁଲ ହେବ ନାହିଁ। ତେଣୁ ଶିମିଳିପାଳ ସୁରକ୍ଷିତ ରହିଲେ ଆମେ ନିଶ୍ଚିତ ସୁରକ୍ଷିତ ହୋଇ ରହିବା ଏବଂ ଏହାକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ରୂପେ ସ୍ଥାପିତ କରିବାରେ ସମସ୍ତେ ସହଯୋଗ କରିବା ଉଚିତ। ଏହି ମେଳାରେ ସମ୍ମାନିତ ଅତିଥୀ ଭାବେ ବନଭୂମି ମହାବିଦ୍ୟାଳୟର ପୁର୍ବତନ ଅଧ୍ୟକ୍ଷ ହରେକୃଷ୍ଣ ମହାନ୍ତ , ବାଲିଡିହା ଗ୍ରାମପଂଚାୟତର ପଂଚାୟତ ସଦସ୍ୟ ଗୁରୁପ୍ରସାଦ ଡାଙ୍ଗୁଆ , ମୁଣ୍ଡାରୀ ସମନ୍ନୟ ସମିତିର ଆବାହକ ବିରବଲ ସିଂହ , ସଂଯୋଜକ ସୁନାରାମ ପାତ୍ର , ବୁଧୂରାମ ପାତ୍ର, ଗୌରମହନ ସିଂ, କୁଞ୍ଜବିହାରୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

# ସର୍ବଭାରତୀୟ ବୃହତ ବନ୍ଦର କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

## ପାରାଦୀପ ବନ୍ଦର ଚମ୍ପିୟାନ ଓ ମୁମ୍ବାଇ ରନର୍ସ ଅପ୍




ପାରାଦୀପ, ୨/୨ (ନି.ପ୍ର): ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଗତ ୩୦ ତାରିଖ ଠାରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ବୃହତ ବନ୍ଦର କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ବୃହ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ଓ ପାରାଦୀପ ବନ୍ଦର ମିଳିତ ଭାବେ ଏହି ପ୍ରତିଯୋଗିତାର ଆୟୋଜନ କରିଥିଲେ।ଏଥିରେ ପାରାଦୀପ ବନ୍ଦର ଚମ୍ପିୟାନ ହୋଇଥିବା ବେଳେ ମୁମ୍ବାଇ ବନ୍ଦର ରନର୍ସଅପ୍ ହୋଇଥିଲେ।୧୪ ବର୍ଷରୁ କମ ବାଳକ ଏବଂ ବାଳିକା, ୧୬ ବର୍ଷରୁ ୧୮ ବର୍ଷ ଭିତରେ ବାଳକ ଓ ବାଳିକା, ୪୫ ବର୍ଷରୁ ଉର୍ଦ୍ଧ୍ୱ ମହିଳା ପାରାଦୀପ ର ବିଭିନ୍ନ ଆଥଲେଟ ର ବିଭିନ୍ନ ବିଭାଗରେ ଚାମ୍ପିୟାନ ହୋଇଥିଲେ। ଉଦଯାପନୀ ଉତ୍ସବର ମୁଖ୍ୟଅତିଥି ତଥା ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦଙ୍କ ଠାରୁ ଚାମ୍ପିୟାନ ପୁରସ୍କାର ଗ୍ରହଣ କରିଥିଲେ। ଉଦଯାପନୀ ସମାରୋହରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡର ସଦସ୍ୟ ୟୁ.ଆର୍.ମୋହନ ରାଜୁ, ଟ୍ରାଫିକ୍ ବିଭାଗର ଉପଦେଷ୍ଟା ଏ.କେ.ବୋଷ, କ୍ରୀଡା ପରିଚାଳନା କମିଟିର ସଭାପତି ଡି.ଏନ୍.ସୋଣ୍ଡୀ, ଉପସଭାପତି ବବୁଲ ସିକଦାର, ସମ୍ପାଦକ ଡା. ଡି.ପି.ସେଠୀ, ସଂଯୋଜକ ରବି ଦାସ, ଯୁଗ୍ମ ସମ୍ପାଦକ ରଂଜନରଶ୍ମୀ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ଶିମିଳିପାଳରୁ ଶିକାରୀ ଗିରଫ

ଭୁବନେଶ୍ୱର, ୨/୨ (ନି.ପ୍ର): ପୁଣି ଶିମିଳିପାଳରୁ ଶିକାରୀ ଗିରଫ । ଶିକାରୀଙ୍କ ଶିକାର ଉଦ୍ୟମ ପଣ୍ଡ କଲା ବନବିଭାଗ । ଶିକାର ପାଇଁ ଶିମିଳିପାଳ ଅଭୟାରଣ୍ୟକୁ ପ୍ରବେଶ କରୁଥିବା ବେଳେ ଏସଟିପିଏଫ ଓ ଜଏଂଟ ଟାସ୍କଫୋର୍ସ ଦ୍ୱାରା କେଣ୍ଡୁମୁଣ୍ଡି ରେଞ୍ଜ ଅଂଚଳରେ ଧରା ପଡିଛନ୍ତି ୫ଜଣ ଶିକାରୀ । ସେମାନଙ୍କ ଠାରୁ ଗୋଟିଏ ଜାଲ, ଫାସ,ଦୁଇଟି ଟାଙ୍ଗିଆ, କାତି , ଛୁରୀ, ଧନୁତୀର, ଗୋଟିଏ ସମ୍ବର ଓ ହରିଣ ଶିଙ୍ଗ ଜବତ କରାଯାଇଛି। ୫ଜଣ ଶିକାରୀଙ୍କୁ ଗିରଫ କରି ଯଶୀପୁରରେ ଥିବା ଶିମିଳିପାଳ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆଣି ପଚରା ଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି ବନବିଭାଗ । ଏନେଇ ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡର ଉପନିର୍ଦ୍ଦେଶକ ସାଇକିରନ୍ ଡି.ଏନ୍. ସୂଚନା ଦେଇଛନ୍ତି ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ଆୟୋଜିତ ପାଠଚକ୍ର ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମ



ଭଦ୍ରକ , ୨/୨ (ନି.ପ୍ର): ଦୁଇଦିନବ୍ୟାପି ସ୍ଥାନୀୟ ଆଇ.ଜି.ଏମ୍. ଡିଗ୍ରୀ କଲେଜ୍ ଧୂଷୁରୀଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରିପ୍ରେକ୍ଷୀରେ ଆୟୋଜିତ ପାଠଚକ୍ର ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆ-ଓ ଅନ୍ତର୍ଗତ ଓଡିଶା ସରକାର ଓ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ତଥା ଧାମନଗର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶ୍ରୀ ପବିତ୍ର ପାଣିଗ୍ରାହୀ ଉଦ୍ଘାଟକ ଭାବରେ ଯୋଗଦେଇ ଓଡିଆ ଭାଷାର ପ୍ରଚୀନତା ଓ ବର୍ତ୍ତମାନର ସ୍ଥିତି ଉପରେ ଆଲୋକପାତ କରିବା ସହ ଜଗନ୍ନା ସଂସ୍କୃତିର ବୈଶ୍ୱିକ ମହନୀୟତା ଉପସ୍ଥାପିତ କରିଥିଲେ। ଶ୍ରୀ ସୁନନ୍ଦ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସହସଚିବ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବହଳୀ, ଓ ମୁଖ୍ୟ ବକ୍ତା ଅଧାପକ ବିଭୂତି ଭୂଷଣ ବାରିକ୍ ଯୋଗ ଦେଇ ଓଡିଆ ଭାଷାର ଅତୀତର ସଂକଟ ଓ ଆଗାମୀ କାଲିର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଏହି ପାଠଚକ୍ରରେ ଅଧାପକ କିଶୋର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ଶରତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେପରେ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ଅର୍ଥରାଶି ପୁରସ୍କାର ସହ ସମ୍ମାନ ଫଳକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନର ପାଠଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କବି, ପ୍ରାବନ୍ଧିକ ତଥା ଅନୁବଦକ ରବୀନ୍ଦ୍ର କୁମାର ବେହୁରିଆ ଯୋଗଦେଇଥିବା ବେଳେ, ଅଧାପିକା ଅଞ୍ଜଳି ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ପ୍ରସ୍ତୁତ ସଂଦର୍ଭ ପାଠ ସହ ଆଲୋଚନା କରିଥିଲେ। ମଧ୍ୟାହ୍ନ ଭୋଜନ ବିରତି ପରେ, ଉଦ୍-ଯାପନୀ ଅଧିବେଶନରେ ଛାତ୍ରୀ/ଛାତ୍ରମାନଙ୍କ ଦ୍ୱାରା ଜଗନ୍ନାଥ ଚେତନା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ଅନ୍ୟ କର୍ମଚାରୀମାନଙ୍କ ମଧରେ ସନ୍ତୋଷ କୁମାର ମହାନ୍ତି, ଦୀପ୍ତିରଂଜନ ମହାନ୍ତି, ତୁଷାର କୁମାର ମହାନ୍ତି, ସତ୍ୟାନନ୍ଦ ମଲ୍ଲିକ, କିଶୋର ଚନ୍ଦ୍ର ଯେନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଉପେନ୍ଦ୍ର ଦାସଙ୍କୁ ଭୂଦାରଚଣ୍ଡୀ ମଣ୍ଡଳ ସଭାପତି ଭାବେ ନୂଆ ଦାୟିତ୍ୱ

ନୀଳଗିରି , ୨/୨ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜେପିର ଯୁବନେତା ତଥା ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ(ଛୁଆ)ଙ୍କୁ ବିଜେପି ଭୂଦାରଚଣ୍ଡୀ ମଣ୍ଡଳୀର ନୂତନ ସଭାପତି ଭାବରେ ନିଯୁକ୍ତି



ମିଳିଛି। ଏନେଇ ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ନିଯୁକ୍ତି ଦେଇଥିବା ସୂଚନା ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ଶ୍ରୀ ଦାସ ଜିଲ୍ଲା ସଭାପତିଙ୍କୁ ଧନ୍ୟବାଦ ଦେବାସହ ତୃଣମୂଳ ସ୍ତରରେ ବିଜେପିକୁ ଅଧିକ ସୁଦୃଢ କରିବା ସହିତ ଆଗାମୀ ଦିନରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ପ୍ରତି ଲୋକଙ୍କର ସେବା କରିବେ ବୋଲି ପ୍ରକାଶ କରିଛନ୍ତି। ଏଥିସହିତ ମାନ୍ୟବର ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଯେପରି ପ୍ରତ୍ୟେକ ପରିବାରର ପହଞ୍ଚିବ ସେଥିପ୍ରତି ଯତ୍ନବାନ ହେବେ ବୋଲି ସୂଚନା ଦେଇଛନ୍ତି। ତାଙ୍କ ନିଯୁକ୍ତି ଖବର ପାଇ ନୀଳଗିରି ବିଜେପିରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଏଥି ସହିତ ନିର୍ବାଚନ ମଣ୍ଡଳୀର ପଞ୍ଚଲିଙ୍ଗେଶ୍ୱର ମଣ୍ଡଳୀରେ ବଳରାମ ବିଶ୍ୱାଳଙ୍କୁ ନୂତନ ସଭାପତି ଦାୟିତ୍ୱ ମିଳିଥିବା ସୂଚନା ମିଳିଛି।

# ପ୍ରେସ କ୍ଲବ ବସ୍ତା ପକ୍ଷରୁ ସାମ୍ବାଦିକଙ୍କ ଶ୍ରଦ୍ଧାଞ୍ଜଳି ସଭା



ବସ୍ତା , ୨/୨ (ନି.ପ୍ର): ବସ୍ତା ପ୍ରେସ କ୍ଲବ ର କୋଷାଧ୍ୟକ୍ଷ ତଥା ସଦର ବ୍ଲକ ରୁପସା ସାମିଲ ହାସନପୁର ପଞ୍ଚାୟତର ସରପଞ୍ଚ ଙ୍କ ସ୍ୱାମୀ ସକାଳ ଖବର କାଗଜର ରୂପସା ସାମ୍ବାଦିକ ମନୋରଞ୍ଜନ ପ୍ରଧାନ (ମଣ୍ଟୁ) ଙ୍କ ଗତ ମଙ୍ଗଳବାର ଅକାଳ ବିୟୋଗ ହୋଇ ଯାଇଛି। ସେ ଜଣେ ମେଳାପି, ମିଷ୍ଟଭାଷୀ ନିର୍ଭିକ ନିଷ୍ଠାପରଏବଂ ଦୃଢ଼ ସଂଗଠକ ଥିଲେ । ତାଙ୍କ ବିୟୋଗରେ ବାଲେଶ୍ୱର ସାମ୍ବାଦିକ ଜଗତ ସମେତ ବସ୍ତା ପ୍ରେସକ୍ଲବର ସମସ୍ତ ସାମ୍ବାଦିକ ମ୍ରିୟମାଣ ହେବାସହିତ ସଭିଙ୍କ ମନରେ ଶୋକର ଛାୟା ଖେଳିଯାଇଛି। ବସ୍ତା ପ୍ରେସ କ୍ଲବ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳୀ ସଭା ସ୍ଥାନିୟ ବାହାର୍ଦ୍ଦା ଡାକ ବଙ୍ଗଳା ପରିସରରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । କ୍ଲବ ର ସ୍ଥାୟୀ ସଭାପତି ବିଜୟ କୁମାର ଭୂୟାଁ ଙ୍କ ଆହ୍ୱାନ କ୍ରମେ ଆଜିର ସଭାରେ ପୂର୍ବତନ ସଭାପତି ବାଞ୍ଛାନିଧି ଦେଙ୍କ ସଭାପତିତ୍ୱରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ରେ ଉତ୍କଳ ସାମ୍ବାଦିକ ସଂଘର ବାଲେଶ୍ୱର ଶାଖାର ସମ୍ପାଦକ ପ୍ରତାପ ପାତ୍ର,ଯୁବ ସମାଜସେବୀ ସୁମନ୍ତକୁମାର ଜେନା .ସମାଜସେବୀ ତୁଷାର କାନ୍ତ ବେହେରା, ଆଇନଜୀବୀ ପ୍ରଣବ ରଞ୍ଜନ ମିଶ୍ର,ରୁପସା ନୀଳମଣି ମହାବିଦ୍ୟାଳୟର ଅଧ୍ୟାପକ ଗୌରାଙ୍ଗ ପଣ୍ଡା. , ଯୋଗ ଦେଇଥିଲେ । ବସ୍ତା ପ୍ରେସ କ୍ଲବର ଉପସଭାପତି ଶିରିଷ ମହାନ୍ତି, ସମ୍ପାଦକ ଉମାକାନ୍ତ ମହାନ୍ତି, ପୂର୍ବତନ ସମ୍ପାଦକ ବ୍ରଜ ମୋହନ ମିଶ୍ର,ମାନସ ରଞ୍ଜନ ବେହେରା, ରଞ୍ଜନ କୁମାର ବେହେରା. ଶିତାକାନ୍ତ ଦାସ.ମନିଷ ରାଇ ମର୍ଙ୍ଗିଆ,ରବି ନାରାୟଣ ଶତପଥୀ,ଅଜିତ କୁମାର ସାହୁ,ଜଗତ କୁମାର ଗିରି, ସୁଶାନ୍ତ ପ୍ରଧାନ. ରାଜେଶଗିରି, ସର୍ବେଶ୍ୱର ବେହେରା, ଭରତ କୁମାର ଦାସ,ରାଜେଶ ବେହେରା ସୁଶାନ୍ତ ପ୍ରଧାନ, ଉମାକାନ୍ତ ମହାନ୍ତି, ଶ୍ରବଣ ନାଏକ,ହରି ଶଙ୍କର ପାଣି, ଏମଏମ ଅଲ୍ଲୀ. ରାଜଘାଟ ପ୍ରେସ କ୍ଲବର ସଭାପତି ବରିଷ୍ଠ ସାମ୍ବାଦିକ ବଂଶୀଧର ସାହୁ. ଦେବାଶିଷ ସମେତ ବହୁ ସାମ୍ବାଦିକ ଯୋଗ ଦେଇ ଦିବଙ୍ଗତ ମନୋରଞ୍ଜନ ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତଅମର ଆତ୍ମାର ସଦଗତି ପାଇଁ ୧ମିନିଟ ନିରବ ପ୍ରାର୍ଥନା କରିଥିଲେ ।ଶେଷରେ ଶ୍ରୀଯୁକ୍ତ ଭୂୟାଁ ଧନ୍ୟବାଦ ଜଣାଇ ଶ୍ରଦ୍ଧାଞ୍ଜଳି ସଭା ସାଙ୍ଗ କରିଥିଲେ ।

# ତ୍ରିଦିବସୀୟ ରାଜଭାଷା ସମ୍ମିଳନୀ ଉଦ୍‌ଘାଟିତ

ପୁରୀ, ୨/୨ (ନି.ପ୍ର): ଭାରତର ଅଗ୍ରଣୀ ଜଳବିଦ୍ୟୁତ ଉଦ୍‌ଯୋଗ ଏନ୍‌ଏଚ୍ ପିସି ଦ୍ୱାରା ପୁରୀଠାରେ ଆୟୋଜିତ ତ୍ରିଦିବସୀୟ ରାଜଭାଷା ସମ୍ମେଳନ ଗତକାଲି ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଓମ୍ ଲିଜର୍ ରିସର୍ଟ ଠାରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ବିଶିଷ୍ଟ ଲେଖକ ତଥା ଉତ୍ତର ପୂର୍ବାଞ୍ଚଳ ପରିଷଦର ପ୍ରାକ୍ତନ ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ମହାପାତ୍ର ଉଦଘାଟନ କରିଥିଲେ। ଏନ୍ ଏଚ୍ ପି ସିର ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ପ୍ରିୟ ରଞ୍ଜନ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ।ଏହି କାର୍ଯ୍ୟକ୍ରମକୁ ରାଜଭାଷା ପ୍ରବନ୍ଧକ ଶ୍ରୀ ନିର୍ମଳ କୁମାର ମଣ୍ଡଳ ସଂଯୋଜନା କରିଥିଲାବେଳେ ଉପପ୍ରବନ୍ଧକ ଶ୍ରୀ ଶୈଳେଶ୍ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ତ୍ରିଦିବସୀୟ ସମ୍ମିଳନୀରେ ଓଡ଼ିଶା ତଥା ଭାରତର ବହୁ ବିଶିଷ୍ଟ ରାଜଭାଷା ବିଶେଷଜ୍ଞମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉଦଯାପନ ଉତ୍ସବରେ ଏନ୍ ଏଚ୍ ପି ସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଯୋଗଦେବେ। ଏନ୍ ଏଚ୍ ପି ସି ଭାରତ ସରକାରଙ୍କର ଏକ ବିଶିଷ୍ଟ ଜଳବିଦ୍ୟୁତ କମ୍ପାନୀ ଭାବେ ରାଜଭାଷାର କାର୍ଯ୍ୟାନ୍ୱୟନ ପାଇଁ ଦଶ ଥର ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଛି।

# ମିଶନଶକ୍ତି ପକ୍ଷରୁ ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ



ବାସୁଦେବପୁର, ୨/୨ (ନି.ପ୍ର): ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷ ରେ ମିଶନ ଶକ୍ତି ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଙ୍କ ପାଇଁ ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମିଶନ ଶକ୍ତିର ବି ପି ଏମ ବୀଣାପାଣି ପଣ୍ଡା ସଭାପତିତ୍ୱ କରିଥିଲେ । ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିତା,ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ । ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ । ବିଡ଼ିଓ ସଞ୍ଜୀବ କୁମାର ସାହୁ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । କବିତା ପାଠ ଉତ୍ସବର ସମ୍ମାନିତ ଅତିଥି ଓ ବିଚାରକ ଭାବେ ଯୋଗ ଦେଇଥିଲେ ବାଇ ଚଢ଼େଇ ପତ୍ରିକାର ସମ୍ପାଦକ କବି ବିକାଶ ଶତପଥୀ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ଓ କବି ଗଦାଧର ସାହୁ । ଜ୍ୟୋତି ଲକ୍ଷ୍ମୀ ଫେଡେରେସନ୍‌ର ସଭାପତି ମମତା ସାହୁ ଓ ସମ୍ପାଦକ କୁନ୍ତଳା ମିଶ୍ର ଅତିଥି ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ଦୁବାଇ ଯିବାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ସନ୍ତୋଷ ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ପଚାଶ ଜଣ କବି କବିତା ପାଠ କରିଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ନାରୀ କବି ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ପୂର୍ବରୁ ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ



ସମ୍ବଲପୁର, ୨/୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବଲପୁର ଗସ୍ତ ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଆଇଆଇଏମ, ସମ୍ବଲପୁର ଓ ସମ୍ବଲପୁର ରେମେଡ ପଡ଼ିଆ ଠାରେ ପ୍ରତ୍ୟକ୍ଷ ଭାବରେ ସ୍ଥାନୀୟ ପ୍ରଶାସନ, କର୍ତ୍ତୃପକ୍ଷ ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଆସନ୍ତାକାଲି ଆଇଆଇଏମ ସମ୍ବଲପୁର କ୍ୟାମ୍ପସର ଉଦଘାଟନ କରିବା ସହ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ । ସମ୍ବଲପୁର ରେମେଡ୍ ଛକ ପଡିଆରେ ବିଜେପି ପକ୍ଷରୁ ଆୟୋଜିତ 'ବିଶାଳ ଗ୍ୟାରେଣ୍ଟି ସମାବେଶ'ରେ ଯୋଗ ଦେବେ । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ୬୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ, ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ ଏବଂ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଏହାର ଅବ୍ୟବହିତ ପୂର୍ବରୁ ଶ୍ରୀ ପ୍ରଧାନ ଆଜି ପ୍ରଥମେ ଆଇଆଇଏମ, ସମ୍ବଲପୁର ଗସ୍ତ କରି ସ୍ଥାନୀୟ ପ୍ରଶାସନ ଓ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କ ସହ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ରେମେଡ ଠାରେ ସ୍ଥାନୀୟ ପ୍ରଶାସନ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ । ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଗତ ୩ ବର୍ଷ ତଳେ କୋଭିଡ୍ ସମୟରେ ପ୍ରଧାନମନ୍ତ୍ରୀ ମୋଦି ନିଜେ ଭିଡିଓ କନଫରେନ୍ସିଂ କରିଆରେ ଆଇଆଇଏମ ସମ୍ବଲପୁରର ନୂତନ କ୍ୟାମ୍ପସ ଶିଳାନ୍ୟାସ କରିଥିଲେ । ପ୍ରଧାନମନ୍ତ୍ରୀ ସବୁବେଳେ କୁହନ୍ତି, ଯେଉଁ ପ୍ରକଳ୍ପକୁ ଆମ ସରକାର ଆରମ୍ଭ କରେ, ସେହି ପ୍ରକଳ୍ପକୁ ଲୋକାର୍ପଣ ମଧ କରେ । ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟ ୪୦୦ କୋଟି ଟଙ୍କା ବ୍ୟୟରେ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସର ଭବ୍ୟ ଭବନର ଲୋକାର୍ପଣ ହେବ । ବିଗତ ୧୦ ବର୍ଷ ଭିତରେ ଏହି ଅନୁଷ୍ଠାନ ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ନିଜର ମାନ୍ୟତାକୁ ଉପଲବ୍ଧି କରିପାରିଛି । ଓଡ଼ିଶା ପ୍ରଧାନମନ୍ତ୍ରୀଙ୍କ ଯୋଜନାରେ ପୂର୍ବୋଦୟର ବଡ ଶକ୍ତି ପୁଞ୍ଜ ହୋଇଛି । ଆସନ୍ତାକାଲି ସମ୍ବଲପୁର ରେଳ ଷ୍ଟେସନର ନବୀକରଣର ଶୁଭ ଦିଆଯିବା ସହ ଅନେକ ରେଳ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ଦିଆଯିବ । ଏନଟିପିସି ସହ ଶକ୍ତି କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାରମ୍ଭ କରାଯିବ । ଜାତୀୟ ରାଜପଥ ପ୍ରକଳ୍ପ ସହ ଗ୍ୟାସ ପାଇପଲାଇନ ପ୍ରକଳ୍ପର ଲୋକାର୍ପଣ ଓ ଶୁଭାରମ୍ଭ ହେବ । ଝାରସୁଗୁଡ଼ା ମୁଖ୍ୟ ଡାକଘର ଐତିହ୍ୟ ଭବନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏବଂ କେନ୍ଦ୍ରର ଅନ୍ତରୀଣ ବଜେଟ୍ ଉପସ୍ଥାପନ ପରେ ପ୍ରଧାନମନ୍ତ୍ରୀ ମା' ସମଲେଶ୍ୱରୀଙ୍କ ମାଟିରେ ପ୍ରଥମ ଜନସଭାକୁ ସମ୍ବୋଧିତ କରିବାକୁ ଯାଉଛନ୍ତି, ଯାହା ଆମ ପାଇଁ ଗୌରବର ବିଷୟ । ମୋଦିଜୀ ଦେଶର ଗରିବ, ମହିଳା, କୃଷକ ଏବଂ ଯୁବକଙ୍କ ଆସ୍ଥାର କେନ୍ଦ୍ରବିନ୍ଦୁ ହୋଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସମ୍ବଲପୁର ସମେତ ଓଡ଼ିଶାବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଯାଇଛି ।

# ଶ୍ରୀରାମପୁର ପଞ୍ଚାୟତର ସମିତି ସଭ୍ୟା ବିଜେଡିରେ ଯୋଗଦେଲେ

ଲଙ୍ଗଳେଶ୍ୱର, ୨/୨ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ଲଙ୍ଗଳେଶ୍ୱର ଠାରେ ଥିବା ବିଜେଡି କାର୍ଯ୍ୟାଳୟ ତଥା ଇଂ ରବୀନ୍ଦ୍ର କୁମାର ଜେନାଙ୍କ ବାସଭବନରେ ଆଜି ବଡ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଆଜି ସନ୍ଧ୍ୟାରେ ବିଜୁ ଜନତା ଦଳର ଲୋକପ୍ରିୟତା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ଦୃତ ବିକାଶରେ ଅନୁପ୍ରାଣିତ ହୋଇ କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ଶ୍ରୀରାମପୁର ପଞ୍ଚାୟତର ସମିତି ସଭ୍ୟା ଅଞ୍ଜଳି ବେହେରା ,ପୂର୍ବତନ ସମିତି ସଦସ୍ୟ ରବୀନ୍ଦ୍ର ପାତ୍ର,କଂଗ୍ରେସର ବରିଷ୍ଠ ନେତା ଭଜନ ବେହେରା,ଅଜୟ କୁମାର ଦଳେଇ ପ୍ରମୁଖଙ୍କ ସହ ବହୁ ସମର୍ଥକଙ୍କ ସହିତ ବିଜେଡିରେ ସାମିଲ ହୋଇଥିଲେ । ଆଜିର ଏହି ମିଶ୍ରଣ ପର୍ବରେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା,ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଓ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ସମିତିର ସଭାପତି ଗଣେଷ ପ୍ରସାଦ ମହାପାତ୍ର,ବିଜେଡି ଜିଲ୍ଲା ଉପ ସଭାପତି ତଥା ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ,ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶ୍ୱିନୀ ଜେନା,ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ ,ସମିତି ସଭ୍ୟ,ପଞ୍ଚାୟତ ସଭାପତି ଏବଂ ବିଭିନ୍ନ ୱାର୍ଡରୁ ୱାର୍ଡମେମ୍ବରମାନେ ଯୋଗଦେଇଥିଲେ ।ସେହିପରି ଅଁଳାଡିହା ପଞ୍ଚାୟତର ସୁବାସିନୀ ଜେନାଙ୍କ ଉପସ୍ଥିତିରେ କଂଗ୍ରେସ ଦଳ ଛାଡି ବିଜେଡିରେ ଯୋଗଦେଇଥିଲେ । ଆଗାମୀ ଦିନରେ ବସ୍ତା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମକର୍ତ୍ତା ବିଜେଡିରେ ଯୋଗଦେବେ ବୋଲି ବସ୍ତା ନିର୍ବାଚନମଣ୍ଡଳୀର ନେତ୍ରୀ ସୁବାସିନୀ ଜେନା କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo